ବର୍ଷ-୨୫, ସଂଖ୍ୟା-୨୧୬
ଭୁବନେଶ୍ୱର
୧୨, ଅଗଷ୍ଟ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 216
Bhubaneswar
12, August, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କପିଳ ଶର୍ମାଙ୍କ ସୁରକ୍ଷା ବଢ଼ିଲା

## ଜେଲେନସ୍କିଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ, ୧୧।୮ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୟୁକ୍ରେନ ରାଷ୍ଟ୍ରପତି ମହାମହିମ ଶ୍ରୀ ଭୋଲଦିମିର ଜେଲେଁସ୍କିଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ରାଷ୍ଟ୍ରପତି ଜେଲେଁସ୍କି ୟୁକ୍ରେନର ସାମ୍ପ୍ରତିକ ଘଟଣାକ୍ରମ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗରେ ନିଜ ମତ ରଖିଛନ୍ତି। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଜେଲେଁସ୍କିଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଓ ତୁରନ୍ତ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ ପ୍ରତି ଭାରତର ଦୃଢ଼ ତଥା ସ୍ଥିର ଆଭିମୁଖ୍ୟକୁ ପୁନଃଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରରେ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଦୁଇ ନେତା ଭାରତ-ୟୁକ୍ରେନ ଦ୍ୱିପାକ୍ଷିକ ସହଭାଗୀତାରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିଥିଲେ ଏବଂ ପାରସ୍ପରିକ ହିତ କ୍ଷେତ୍ରରେ ସହଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ଆଲୋଚନା କରିଥିଲେ। ଦୁଇ ନେତା ଆଗକୁ ମଧ୍ୟ ସମ୍ପର୍କ ବଜାୟ ରଖିବାକୁ ସହମତ ହୋଇଥିଲେ।

# ୧୦,୮୦୭ ଅଭିଯୋଗର ହୋଇଛି ସମାଧାନ

ଭୁବନେଶ୍ୱର, ୧୧।୮ (ମହାଭାରତ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୪ତମ ପାଳି। ସୋମବାର ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀ ମଣ୍ଡଳର ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଅଭିଯୋଗ ଶୁଣାଣି ଯୋଗୁ ବିଭିନ୍ନ କାରଣରୁ ସମସ୍ୟାରେ ଥିବା ଲୋକମାନେ ଆଶା ଓ ଭରସା ନେଇ ଆସୁଛନ୍ତି ଏବଂ ସେମାନଙ୍କ ସମସ୍ୟାର ସମାଧାନ ମଧ୍ୟ କରାଯାଉଛି। ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ୧୨,୨୫୨ଟି ଅଭିଯୋଗ ମଧ୍ୟରୁ ୧୦,୮୦୭ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୮ ପ୍ରତିଶତ ଅଟେ । ବାକି ଅଭିଯୋଗ ଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡିତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।

ମୁଖ୍ୟମନ୍ତ୍ରୀ, ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି । ଆଜି ଆସିଥିବା ଅଭିଯୋଗକାରୀମାନଙ୍କ ମଧ୍ୟରେ କିଛି ଜଣ ନିଜ ନିଜ ସମସ୍ୟାକୁ ନେଇ ବିଚଳିତ ହେଉଥିବାରୁ, ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭରସା ଓ ଆଶ୍ୱାସନା ଦେଇ ବୁଝାଇଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥାରେ ଚିନ୍ତିତ ଲୋକମାନଙ୍କ ମୁହଁରେ ଆଶାର କିରଣ ଦେଖାଦେଇଥିଲା ଏବଂ ସେମାନେ ଆଶ୍ୱସ୍ତ ହୋଇ ଫେରିଥିଲେ। ଆଜି ପ୍ରକୋଷ୍ଠ ମଧ୍ୟରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରାଜ୍ୟସ୍ତର ସହିତ ଜିଲ୍ଲାସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି । ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜରିଆରେ ଅନେକ ଲୋକଙ୍କର ବର୍ଷ ବର୍ଷ ଧରି ପଡି ରହିଥିବା ସମସ୍ୟାର ସମାଧାନ ହୋଇପାରୁଛି।



ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

## ହାତୀ କରିଡର ପାଇଁ ସ୍ୱତନ୍ତ୍ର ଯୋଜନା

ନୂଆଦିଲ୍ଲୀ, ୧୧।୮ (ମହାଭାରତ): ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ବହୁ ଧନ ଜୀବନ ନଷ୍ଟ ହେଉଛି। ଏହାକୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସଂସଦରେ ଧ୍ୟାନ ଆକର୍ଷଣ କରିବା ସହ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କଠାରୁ ସରକାରଙ୍କ ପଦକ୍ଷେପ ନେଇ ସ୍ପଷ୍ଟୀକରଣ ମାଗିଛନ୍ତି।

ସଂସଦରେ ସାଂସଦ ଶ୍ରୀ ପାଣି ଧ୍ୟାନ ଆକର୍ଷଣ କରି କହିଥିଲେ ଯେ, ମୋ ଲୋକସଭା କ୍ଷେତ୍ରରେ ଢେଙ୍କାନାଳ ଓ ଅନୁଗୁଳ ଦୁଇଟି ଜିଲ୍ଲା ଆସୁଥିବା ବେଳେ ଉଭୟ ଜିଲ୍ଲାରେ ହାତୀ ଉପଦ୍ରବ ତୀବ୍ର ହେଉଛି। ବହୁ ଧନ ଜୀବନ ନଷ୍ଟ ହେଉଛି। ମାନ୍ୟବର ମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ ଭାବେ ବହୁବାର ଭେଟି ଦୃଷ୍ଟି ଆକର୍ଷଣ କରିଛି। ଗତ ୩୧ ଜୁଲାଇରେ ହିନ୍ଦୋଳ ବ୍ଲକ୍‌ର ଗୋଟିଏ ଗ୍ରାମରେ ଗୋଟିଏ ଦିନରେ ୩ ଜଣଙ୍କୁ ହାତୀ ଦଳି ମାରି ଦେଇଥିଲା। ମାନ୍ୟବର ମନ୍ତ୍ରୀ ରାଜ୍ୟ ସରକାରଙ୍କ ସହ ହାତୀ ଉପଦ୍ରବକୁ ନେଇ ଯେଉଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି ତାହା ଖୁବଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ପ୍ରଶ୍ନ କରିଥିଲେ। ସାଂସଦଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ହାତୀ ଉପଦ୍ରବକୁ ନେଇ ପ୍ରୋଜେକ୍ଟ ଏଲିଫାଣ୍ଟ ଯୋଜନା ସମଗ୍ର ଦେଶରେ ଲାଗୁ ହୋଇଛି, ଏଲିଫାଣ୍ଟ ରିଜର୍ଭର, ଏଲିଫାଣ୍ଟ କରିଡର ସ୍ଥାପନ ସହ ସ୍ୱତନ୍ତ୍ର ଗାଇଡ଼ ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଇଛି। ରେଳ ବିଭାଗ ସହ ମଧ୍ୟ କଥା ହୋଇ ସ୍ୱତନ୍ତ୍ର ଆଡ଼ଭାଇଜାରୀ ଓ ଏସଓପି ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ସହ ମିଶି ଏହାକୁ ସୁଚାରୁରୂପେ କାର୍ଯ୍ୟ କରାଯାଉଛି ଏବଂ ଓଡ଼ିଶା ସରକାରଙ୍କ ସହ ଉକ୍ତ ଯୋଜନାର କ୍ରିୟାନୟନ ଉପରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ମନ୍ତ୍ରୀ ଯାଦବ କହିଥିଲେ।

# ଇଣ୍ଡି ମେଣ୍ଟ ସାଂସଦଙ୍କ ପଦଯାତ୍ରା

ନୂଆଦିଲ୍ଲୀ, ୧୧।୮ (ମହାଭାରତ): ଏସ୍‌ଆଇଆର ଓ 'ଭୋଟ୍ ଚୋରି' ବିରୋଧରେ ସଂସଦରୁ ସଡ଼କ ଯାଏ ଇଣ୍ଡିଆ ମେଣ୍ଟର ବିକ୍ଷୋଭ ପ୍ରଦର୍ଶନ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସମେତ ସଞ୍ଜୟ ରାଓ୍ୱତ, ସାଗରିକା ଘୋଷଙ୍କୁ ଉଠାଇ ନେଇଛି । ଭୋଟ୍ ଚୋରିକୁ ନେଇ ସରକାର ଭୟଭୀତ ଅଛନ୍ତି ବୋଲି କହିଛନ୍ତି ସାଂସଦ ପ୍ରିୟଙ୍କା ଗାନ୍ଧୀ । ଇଣ୍ଡିଆ' ମେଣ୍ଟର ୨୫ ସାଂସଦ, ବରିଷ୍ଠ







ପାର୍ଲାମେଣ୍ଟରୁ ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ଯାଏଁ ପଦଯାତ୍ରା ହୋଇଛି। ବିହାରର ଏସ୍‌ଆଇଆର ଓ ୨୦୨୪ ଲୋକସଭା ନିର୍ବାଚନରେ ହୋଇଥିବା ଭୋଟ୍ ଚୋରି ଅଭିଯୋଗକୁ ନେଇ ମୋର୍ଚ୍ଚା ବାହାର କରିଛି ବିରୋଧୀ 'ଇଣ୍ଡିଆ ମେଣ୍ଟ' । ତେବେ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ବ୍ୟାରିକେଟ୍ ଲଗାଇ ସାଂସଦମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଛି ପୁଲିସ। ସମାଜବାଦୀ ପାର୍ଟି ମୁଖ୍ୟ ତଥା ସାଂସଦ ଅଖିଳେଶ ଯାଦବ ବ୍ୟାରିକେଟ୍ ଉପରେ ଚଢିଥିବା ଦେଖିବାକୁ ମିଳିଛି । ବିକ୍ଷୋଭ ପ୍ରଦର୍ଶନ ବେଳେ ପୁଲିସ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ନେତା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଏନସିପି ମୁଖ୍ୟ ଶରଦ ପାଓ୍ୱାର ମଧ୍ୟ ପଦଯାତ୍ରାରେ ସାମିଲ ହୋଇଛନ୍ତି । ମୋର୍ଚ୍ଚାକୁ ଦିଲ୍ଲୀ ପୁଲିସ ରାସ୍ତାରେ ଅଟକାଇଥିଲା । ଏହାକୁ ନେଇ ଏସପି ସାଂସଦ ଅଖିଳେଶ ଯାଦବ କହିଛନ୍ତି, ସରକାର ଆମକୁ ଅଟକାଇବାକୁ ପୁଲିସ ଲଗାଇଛନ୍ତି । ସେହିପରି କଂଗ୍ରେସ ସାଂସଦ ସୈୟଦ ନସୀର ହୁସେନ୍ କହିଛନ୍ତି, ଆମକୁ ନିର୍ବାଚନ ଆୟୋଗଙ୍କ ସହ ଭେଟ କରାଇ ଦିଆଯାଉନାହିଁ। ଲୋକସଭା ଓ ରାଜ୍ୟସଭାର ୩୦୦ ସାଂସଦ ଏଠି ପଦଯାତ୍ରା କରୁଛନ୍ତି ପୁଲିସ ଏଠି ତାଙ୍କୁ ଗିରଫ କରୁଛି । ବିରୋଧୀ ମେଣ୍ଟର ପଦଯାତ୍ରାକୁ ନେଇ ଆରଜେଡ଼ି ସାଂସଦ ମନୋଜ ଝା କହିଛନ୍ତି, ନିର୍ବାଚନ ଆୟୋଗରେ ବହୁତ ଜାଗା ଅଛି ହେଲେ ତାଙ୍କ ହୃଦୟରେ କେତେ ଜାଗା ଅଛି ତାହା ଜଣାନାହିଁ । ଜାଗାର ଆଳ ଦେଖାଇ ଯଦି ତୁମେ ସାଂସଦଙ୍କୁ ଭେଟି ପାରିବ ନାହିଁ ତେବେ ତାଙ୍କର କାର୍ଯ୍ୟଶଳୀ କିପରି ତାହା ଉପରେ ହିଁ ଟିପ୍ପଣୀ । ଏହି ଏସ୍‌ଆଇଆର ଜାଲିଆତି । ତୁମେ କ୍ଲାସିଫାଏଡ ଡାଟା ଦେଉନାହିଁ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବି କିଛି ନାହିଁ । ଅହଂକାର ଓ ଅଜ୍ଞାନତାର ମିଶ୍ରଣ ହେଉଛନ୍ତି ଆଜିର ନିର୍ବାଚନ କମିଶନ । ଇଣ୍ଡିଆ ମେଣ୍ଟର ସାଂସଦଙ୍କ ବିକ୍ଷୋଭକୁ ନେଇ ବିଜେପି ସାଂସଦ ଦିନେଶ ଶର୍ମା କହିଛନ୍ତି, ବିରୋଧୀ ତାମଶା କରୁଛନ୍ତି । ସଂସଦ ଚଲାଇ ଦେଉନାହାନ୍ତି । ବର୍ତ୍ତମାନ ଏମାନେ 'ତାମଶା ମାର୍ଚ୍ଚ' କରୁଛନ୍ତି । ଏହି 'ତାମଶା ପଦଯାତ୍ରାରେ ଜନତାଙ୍କଠୁ ତାଙ୍କୁ କେବଳ ହତାଶା ମିଳିବ । ସମ୍ବିଧାନର ଉପହାସ କରିବାର ଏହା ତାଙ୍କ କାମ । ହାତରେ ନାଲି ବହି ଧରି ସମ୍ବିଧାନକୁ ଅପମାନ କରୁଛନ୍ତି । ନିର୍ବାଚନ ଆୟୋଗ ୩୦ ସାଂସଦଙ୍କୁ ସାକ୍ଷତ କରିବାକୁ ଡାକିଛନ୍ତି । ଦିନକ ପୂର୍ବରୁ ରାହୁଲ ଗାନ୍ଧୀଙ୍କ ପରେ ଜୟରାମ ରମେଶ ଭୋଟର ଲିଷ୍ଟରେ ଗଡ଼ବଡ଼ ନେଇ ନିର୍ବାଚନ ଆୟୋଗଙ୍କୁ ଭେଟିବାକୁ ସମୟ ମାଗିଥିଲେ । ଏହାକୁ ନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୩୦ ଲୋକଙ୍କୁ ସାକ୍ଷତ ନେଇ ଡାକିଥିଲେ ।



ଭୁବନେଶ୍ୱର ରେଳ ଅଡିଟୋରିୟମ ରେ କମିଶନରେଟ୍ ପୋଲିସ ପକ୍ଷରୁ ଆୟୋଜିତ ଯୁବ ସଚେତନତା କାର୍ଯ୍ୟକ୍ରମ ଜୀବନ ଜିନ୍ଦାବାଦ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ୧୮୪ ଟାଇପ୍-୭ ବହୁତଳ ବିଶିଷ୍ଟ ଫ୍ଲାଟ୍ ଉଦଘାଟିତ

ନୂଆଦିଲ୍ଲୀ, ୧୧।୮ (ପିଆଇବି): ପ୍ରଧାନମନ୍ତ୍ରୀ ବାବା ଖରକ ସିଂହ ମାର୍ଗରେ ସାଂସଦମାନଙ୍କ ପାଇଁ ନବନିର୍ମିତ ୧୮୪ଟି ଟାଇପ୍ - ୭ ବହୁତଳ ବିଶିଷ୍ଟ ଫ୍ଲାଟ୍ ଉଦଘାଟନ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସେ କିଛି ଦିନ ତଳେ କର୍ତ୍ତବ୍ୟ ପଥଠାରେ କର୍ତ୍ତବ୍ୟ ଭବନ ଭାବରେ ଜଣାଶୁଣା ସାଧାରଣ କେନ୍ଦ୍ରୀୟ ସଚିବାଳୟକୁ ଉଦଘାଟନ କରିଥିଲେ ଏବଂ ଆଜି ତାଙ୍କୁ ସାଂସଦମାନଙ୍କ ପାଇଁ ଏକ ନବନିର୍ମିତ ଆବାସିକ କମ୍ପ୍ଲେକ୍ସ ଉଦଘାଟନ କରିବାର ସୁଯୋଗ ମିଳିଛି। ଭାରତର ଚାରୋଟି ମହାନ ନଦୀର ନାମ, ଯଥା : କୃଷ୍ଣା, ଗୋଦାବରୀ, କୋଶୀ ଏବଂ ହୁଗଳି ନାମରେ ନାମିତ ହୋଇଥିବା ଏହି କମ୍ପ୍ଲେକ୍ସର ଚାରୋଟି ଟାଓ୍ୱାର ସମ୍ପର୍କରେ ସେ ଉଲ୍ଲେଖ କରି କହିଥିଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ଜୀବନ ଦେଉଥିବା ଏହି ନଦୀଗୁଡ଼ିକ ଏବେ ଜନପ୍ରତିନିଧିଙ୍କ ଜୀବନରେ ଆନନ୍ଦର ଏକ ନୂତନ ଧାରା ପ୍ରବାହିତ କରିବ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ନଦୀକୁ ନେଇ ନାମକରଣ ପରମ୍ପରା ଦେଶକୁ ଏକତାର ସୂତ୍ରରେ ବାନ୍ଧିଥାଏ। ନୂତନ କମ୍ପ୍ଲେକ୍ସ ଦିଲ୍ଲୀରେ ସାଂସଦମାନଙ୍କ ପାଇଁ ଜୀବନଧାରଣର ସହଜତା ବୃଦ୍ଧି କରିବ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଦିଲ୍ଲୀରେ ସାଂସଦମାନଙ୍କ ପାଇଁ ସରକାରୀ ବାସଗୃହର ଉପଲବ୍ଧତା ଏବେ ବୃଦ୍ଧି ପାଇବ ପ୍ରଧାନମନ୍ତ୍ରୀ ସମସ୍ତ ସାଂସଦଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଫ୍ଲାଟ ନିର୍ମାଣରେ ସାମିଲ ହୋଇଥିବା ଯନ୍ତ୍ରୀ ଏବଂ ଶ୍ରମଜୀବୀଙ୍କୁ ପ୍ରକଳ୍ପ ସମାପ୍ତ କରିବାରେ ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ଏବଂ



କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କୁ ସାଂସଦ ମାନଙ୍କ ପାଇଁ ନୂତନ ଭାବେ ନିର୍ମାଣ କରାଯାଇଥିବା ଆବାସିକ କମ୍ପ୍ଲେକ୍ସରୁ ଏକ ନମୁନା ଫ୍ଲାଟ ପରିଦର୍ଶନ କରିବାର ସୁଯୋଗ ମିଳିଛି। ସେ ଉଲ୍ଲେଖ କରିଥିଲେ ଯେ, ସେ କେବେ କେମିତି ପୁରୁଣା ସାଂସଦ ବାସଗୃହ ଗୁଡ଼ିକର ଅବସ୍ଥା ଦେଖିବାକୁ ପାଇଛନ୍ତି। ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ ଯେ ପୁରୁଣା ବାସଗୃହଗୁଡ଼ିକ ପ୍ରାୟତଃ ଅବହେଳାର ଶିକାର ହେଉଥିଲା ଏବଂ ଭଲ ଅବସ୍ଥାରେ ନଥିଲା। ସାଂସଦମାନେ ସେମାନଙ୍କର ପୂର୍ବ ବାସଗୃହଗୁଡ଼ିକର ଖରାପ ଅବସ୍ଥା ଯୋଗୁଁ ବାରମ୍ବାର ସାମନା କରୁଥିବା ଅସୁବିଧା ଉପରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ନୂତନ ବାସଗୃହଗୁଡିକ ସାଂସଦମାନଙ୍କୁ ସେମାନଙ୍କର ନୂତନ ଘରକୁ ଯିବା ପରେ ଏଭଳି ଆହ୍ୱାନ ଗୁଡିକରୁ ମୁକ୍ତ କରିବ।

# ନୂଆ ଆୟକର ବିଲ୍ ପାରିତ

ନୂଆଦିଲ୍ଲୀ, ୧୧।୮ (ମହାଭାରତ): ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସୋମବାର ଆଗତ କରାଯାଇଥିବା ଦୁଇ ଗୁରୁତ୍ୱପୂର୍ଣ୍ଣ ଟ୍ୟାକ୍ସ ବିଲ୍ ଗୋଟିଏ ଦିନରେ ହିଁ ବିନା କୌଣସି ବିତର୍କରେ ପାରିତ ହୋଇଛି। ଲୋକସଭରେ ସୋମବାର ଆୟକର ସହ ଜଡିତ ଦୁଇଟି ବିଲ୍- ଆୟକର (ସଂଖ୍ୟା ୨) ବିଧେୟକ ଓ ଟିକସ ଆଇନ (ସଂଶୋଧନ) ବିଲକୁ ପାରିତ କରାଯାଇଛି। ଛଅ ଦଶନ୍ଧି ପୁରୁଣା ଆୟକର ଆଇନ, ୧୯୬୧ର ସ୍ଥାନ ନେବା ପାଇଁ ଏହି ବିଲ୍‌କୁ ଆଗତ କରାଯାଇଥିଲା। ଆୟକର (ସଂଖ୍ୟା ୨) ବିଧେୟକ ୨୦୨୫, ଆୟକର ଅଧିନିୟମ ୧୯୬୧ ସହ ଜଡ଼ିତ ଆଇନକୁ ଏକୀକୃତ ଓ ସଂଶୋଧିତ କରିବା ପାଇଁ ପାରିତ କରାଯାଇଛି। ଅନ୍ୟପଟେ ଟିକସ ଆଇନ (ସଂଶୋଧନ) ବିଧେୟକ ୨୦୨୫, ଆୟକର ଅଧିନିୟମ ୧୯୬୧ ସହ ଆର୍ଥିକ ଅଧିନିୟମ ୨୦୨୫ରେ ସଂଶୋଧନ କରିବ। ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ ଏହି ବିଧେୟକ ଲୋକସଭାରେ ବିନା କୌଣସି ବିତର୍କରେ ପାରିତ ହୋଇଛି। ଏହି ବିଧେୟକକୁ ଧ୍ୱନିମତରେ ପାରିତ କରାଯିବା ପରେ ଲୋକସଭାର ଗୃହ କାର୍ଯ୍ୟକୁ ପୂରା ଦିନ ପାଇଁ ସ୍ଥଗିତ କରାଯାଇଥିଲା । ଏହି ସମୟରେ ବିରୋଧୀ ସଦସ୍ୟମାନେ ବିହାରରେ ମତଦାନ ସୂଚୀରେ ସଂଶୋଧନକୁ ନେଇ ଜୋରଦାର ହଙ୍ଗାମା କରିଥିଲେ।

## ଚଉଷଠି ଯୋଗିନୀ ମନ୍ଦିର ପାଇଁ ୮୮ କୋଟି

ବଲାଙ୍ଗିର, ୧୧।୮ (ମହାଭାରତ): ଓଡ଼ିଶାର ବଲାଙ୍ଗିର ଜିଲାର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ରାଣୀପୁର ଝରିଆଲରେ ଅବସ୍ଥିତ ଐତିହାସିକ ଚଉଷଠି ଯୋଗିନୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପୀଠର ବିକାଶ ପାଇଁ ୮୭ କୋଟି ୯୩ ଲକ୍ଷ ୨୮ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଚଉଷଠି ଯୋଗିନୀ ମନ୍ଦିର ହେଉଛି ଓଡ଼ିଶାର ଏକ ପ୍ରମୁଖ ତନ୍ତ୍ରପୀଠ, ଯାହା ନବମ ଶତାବ୍ଦୀରେ ନିର୍ମିତ ହୋଇଥିବା ବୋଲି ଅନୁମାନ କରାଯାଏ। ଏହି ମନ୍ଦିର ଭାରତର ଅନ୍ୟତମ ଯୋଗିନୀ ପୀଠ ମଧ୍ୟରେ ଗଣାଯାଏ ଏବଂ ଏହାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଶୈଳୀ ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଆକର୍ଷିତ କରିଥାଏ। ମନ୍ଦିରରେ ୬୪ ଯୋଗିନୀଙ୍କ ମୂର୍ତ୍ତି ସହିତ ମହାମାୟା ଦେବୀଙ୍କ ପୂଜା କରାଯାଏ।

# ଆସିବ ନୂଆ ବିସ୍ଥାପନ ଓ ଥଇଥାନ ନୀତି

ଭୁବନେଶ୍ୱର, ୧୧।୮ (ମହାଭାରତ) : ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତଙ୍କ ଯେଭଳି ଅସୁବିଧା ନ ହେବ ସେଥିପାଇଁ ଓଡ଼ିଶା ସରକାର ୨୦୨୫ ମସିହାରେ ଏକ ନୂତନ ବିସ୍ଥାପନ ଓ ଥଇଥାନ (ଆରଆଣ୍ଡଆର) ନୀତି ଆଣିବାକୁ ଯୋଜନା କରୁଛନ୍ତି। ରାଜ୍ୟ ସରକାର ଏହି ସମ୍ପର୍କରେ ଏକ ନୂତନ ବ୍ୟବସ୍ଥା ପ୍ରସ୍ତୁତ ଏବଂ ପ୍ରଣୟନ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଛନ୍ତି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଦିନ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି। ପ୍ରସ୍ତାବିତ ନୀତିର ଅଂଶ ଭାବରେ ବିସ୍ଥାପିତ ଲୋକଙ୍କୁ ବିଭିନ୍ନ ପ୍ରକାରର କ୍ଷତିପୂରଣ ମଧ୍ୟରୁ ଗୋଟିଏ ବାଛିବାର ଅଧିକାର ରହିବ। ଯଦି କୌଣସି ପ୍ରକଳ୍ପ ପାଇଁ ଜମି ଆବଶ୍ୟକ ହୁଏ, ତେବେ ସରକାର ଜମି ହରାଇଥିବା ଲୋକଙ୍କ ଉପରେ ଏହାର ଯୋଜନା ଜୋରଜବରଦସ୍ତ ଲଦି ପାରିବେ ନାହିଁ। ପ୍ରଭାବିତ ଲୋକଙ୍କ ଦାବି ଏବଂ ସୁବିଧା ଆଧାରରେ ବିଭିନ୍ନ ବିକଳ୍ପ ଦିଆଯିବ।

ଆର୍ଥିକ କ୍ଷତିପୂରଣ ନେବା ପରିବର୍ତ୍ତେ, ଜମି ହରାଇଥିବା ଲୋକମାନେ ପ୍ରକଳ୍ପରେ ଅଂଶୀଦାର ହେବାକୁ ବାଛିପାରିବେ। ଜମି ବଦଳରେ ଜମି ମଧ୍ୟ ସରକାର ବ୍ୟବସ୍ଥା କରିବେ। ଯଦି ପ୍ରଭାବିତ ଲୋକମାନେ ଚାହାଁନ୍ତି, ତେବେ ସେମାନେ ଆର୍ଥିକ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଏକ ଆନୁପାତିକ ଅଂଶଧନ ମଧ୍ୟ ନେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ନୂତନ ଆରଆଣ୍ଡଆର ନୀତି ଆଦିବାସୀ ସମ୍ପ୍ରଦାୟର ଚିନ୍ତାକୁ ମଧ୍ୟ ସମାଧାନ କରିବ ବୋଲି ଆଶା କରାଯାଉଛି। ଯେଉଁମାନଙ୍କ ମଧ୍ୟରୁ ଅନେକ ନଗଦ ଦେୟ ପରିବର୍ତ୍ତେ ଜମି ବଦଳରେ ଜମି ପାଇବାକୁ ପସନ୍ଦ କରିଛନ୍ତି। ଏହା ବ୍ୟତୀତ କ୍ଷତିପୂରଣ ଭାବରେ ପ୍ରଦାନ କରାଯାଇଥିବା ଟଙ୍କା ଅନେକ କ୍ଷେତ୍ରରେ ତିନି ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ପାଖରେ ରହିନଥାଏ। ସେହିପରି ଅନେକ ଲୋକ ବ୍ୟବସାୟ ଓ ନିବେଶ କିପରି କରିବେ ତାହା ଜାଣନ୍ତି ନାହିଁୟ ଫଳରେ ସେମାନେ କ୍ଷତିପୂରଣ ଟଙ୍କା ହରାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଭାବିତ ପରିବାର ପାଇଁ ଦୀର୍ଘକାଳୀନ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ବର୍ତ୍ତମାନ ନୀତିକୁ ଆଧୁନିକ ବିସ୍ଥାପନ ଏବଂ ଥଇଥାନ ମଡେଲ ସହିତ ସମନ୍ୱୟ କରୁଛି।

# ପେଟ୍ରୋଲ୍ ନିଆଁରେ ଜଳିଗଲେ ନାବାଳିକା

ବରଗଡ଼, ୧୧।୮ (ମହାଭାରତ): ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ, ବଳଙ୍ଗା ନାବାଳିକା ଜଳିଯିବା, ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମରିବା ଘଟଣାକୁ ନେଇ ସାରା ରାଜ୍ୟରେ ଚହଳ ପଡ଼ିଥିବାବେଳେ ବରଗଡ଼ ପଦ୍ମପୁରରେ ଆଉ ଜଣେ ଛାତ୍ରୀ ପୋଡ଼ି ହୋଇ ଆଖି ବୁଝିବା ସମସ୍ତଙ୍କ ସ୍ତବ୍ଧ କରିଦେଇଛି।

ବରଗଡ଼ ଜିଲ୍ଲା ଗାଏସିଲାଟ ଥାନା ଫିରିଙ୍ଗିମାଲ ଗାଁର ୮ମ ଶ୍ରେଣୀର ନାବାଳିକା ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଫିରିଙ୍ଗିମାଲର ଗୋଟିଏ ପଡ଼ିଆରୁ ଆଜି ସକାଳେ ନାବାଳିକାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଆମ୍ବୁଲାନ୍ସରେ ପଦ୍ମପୁରରୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ହସ୍ପିଟାଲରେ ଭର୍ତ୍ତି କରାଯିବା ବେଳେ ନାବାଳିକାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା। ତାଙ୍କ ଶରୀରରୁ ଅଧାରୁ ଅଧିକ ଅଂଶ ପୋଡ଼ି ଯାଇଥିଲା। ଡାକ୍ତରଙ୍କ ସବୁ ପ୍ରକାରର ଉଦ୍ୟମ ସତ୍ତ୍ୱେ ନାବାଳିକା ଜଣଙ୍କ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି।



ଉତ୍ତରାଞ୍ଚଳ ଆଇଜି କହିଛନ୍ତି ଯେ, ଘଟଣାର ପ୍ରାଥମିକ ତଦନ୍ତ ଚାଲିଛି କିଛି ଲୋକଙ୍କୁ ପଚରାଉଚରା ଚାଲିଛି। ତେବେ ଆତ୍ମହତ୍ୟା ପାରିବାରିକ କଳହରୁ ହୋଇଥିବା ଅନୁମାନ କରାଯାଉଛି। ବରଗଡ଼ ଦାୟିତ୍ୱରେ ଥିବା ବଲାଙ୍ଗିର ଏସପି ଅଭିଲାଷ.ଜି ସୂଚନା ଦେଇ କହିଛନ୍ତି, ନାବାଳିକା ପୋଡ଼ି ଘଟଣାରେ ପୁଲିସ ତତ୍ପରତାର ସହିତ ୩ ଜଣ ଆଇଆଇସିଙ୍କୁ ନେଇ ତଦନ୍ତ ପାଇଁ ଗୋଟିଏ ଟିମ୍ ଗଠନ କରାଯାଇଛି। ଫିରିଙ୍ଗିମାଲ ଗାଁକୁ ଯାଇ ପୁଲିସ ଟିମ୍ ଯାଞ୍ଚ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି। ପୋଷ୍ଟମର୍ଟମ ରିପୋର୍ଟ ଏବଂ ସାଇଣ୍ଟିଫିକ୍ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ତେବେ ନାବାଳିକା ଜଣଙ୍କ ଆତ୍ମାହୁତି ଉଦ୍ୟମ କରିଥିଲେ ନା ତାଙ୍କୁ କେହି ଜାଳି ଦେଇଛି ତାହା ସ୍ପଷ୍ଟ ହୋଇପାରିନି। ସେ ତାଙ୍କ ମାମୁ ଘର ଗାଁ ପଡ଼ିଆରେ ପୋଡ଼ି ଯାଇଥିଲେ। ପ୍ରାଣ ହରାଇଥିବା ଝିଅର ବୟସ ୧୩ ବର୍ଷ ହୋଇଥିବା ବେଳେ ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସେ ମାମୁ ଘର ଫିରିଙ୍ଗିମାଳରେ ରହୁଥିଲେ। ନାବାଳିକା ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଗାଁ ଲୋକଙ୍କ କହିବା ଅନୁସାରେ, ପେଟ୍ରୋଲ ଢାଳି ନାବାଳିକା ଜଣଙ୍କ ଜଳି ଯାଇଛନ୍ତି। ପଡ଼ିଆରେ ତାଙ୍କର ଚପଲ, ପେଟ୍ରୋଲ୍ ବୋତଲ ସହ ଦିଆସିଲି ପଡ଼ିଥିବା ଦେଖିବାକୁ ମିଳିଛି। ତେବେ କେମିତି ଏତେ ବଡ଼ ଘଟଣା ଘଟିଲା ସେନେଇ ସ୍ପଷ୍ଟ କାରଣ ଜଣାପଡ଼ିନାହିଁ।

## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି , କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା , କଞ୍ଚା ,ଲଙ୍କା , ଲୁଣ ,ଚିନି , ଲେମ୍ବୁ ରସ , ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ , ଅଦା , କଞ୍ଚା ଲଙ୍କା, ଲୁଣ ଚିନି , ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ , ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା , କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



ଖବର

## ସଲମାନ୍ ଖାନ୍‌ଙ୍କ ଶୋରେ ନଜର ଆସିବେ ଶହୀଦ ଅଧିକାରୀଙ୍କ ପତ୍ନୀ



ପହଲଗାମ ହମଲା । ମନରୁ ଲିଭିନି ସେହି ସିନ୍ । ସ୍ୱାମୀଙ୍କ ମୁଣ୍ଡକୁ ଧରି ବସିଥିବା ସେହି ପତ୍ନୀଙ୍କ କରୁଣ ଚିତ୍କାର । ସୋସିଆଲ ମିଡିଆରେ ଆତଙ୍କ ଖେଳାଇଦେଇଥିଲା । ଦିନ ଥିଲା ସ୍ୱାମୀ ହତ୍ୟାର ପ୍ରତିଶୋଧ ମାଗିଥିଲେ ସେ । ହେଲେ ଏବେ ସେ ପନିବାକୁ ଯାଉଛନ୍ତି ଶୋ ଷ୍ଟପର। ବିଶେଷ କରି ସଲମାନଙ୍କ ବହୁ ଚର୍ଚ୍ଚିତ ଶୋରେ ନଜର ଆସିବେ । ବିଗ୍ ବସ୍ ରେ ନଜର ଆସିପାରନ୍ତି ସହିଦ ଅଧିକାରୀଙ୍କ ପତ୍ନୀ। ଯାହା ଶୁଣିବାକୁ ମିଳିଛି ସେ କୁଆଡେ ଏଲଭିଶଙ୍କ ଘନିଷ୍ଠ ବନ୍ଧୁ ସଲମାନ ଖାନଙ୍କ ଲୋକପ୍ରିୟ ଶୋ' 'ବିଗ୍ ବସ୍ ୧୯' ଆରମ୍ଭ ହେବାକୁ ଯାଉଛି । ଏହି ସିଜିନର ପ୍ରଥମ ଏପିସୋଡ୍ ପ୍ରଥମେ ଜିଓ ହଟଷ୍ଟାରରେ ଏବଂ ତା'ପରେ ଟିଭିରେ ଆସିବ। ଏହି ସିଜିନ୍ ୨୪ ଅଗଷ୍ଟରୁ ଆରମ୍ଭ ହେଉଛି। ସଲମାନ ଖାନଙ୍କ ଅନେକ ପ୍ରୋମୋ ଆସିଛି । ଯେଉଁଥିରେ ସେ ଜଣେ ନେତା ଭାବରେ ନଜର ଆସିଛନ୍ତି । ୧୯ତମ ସିଜିନ୍ ରାଜନୈତିକ ବିଷୟବସ୍ତୁ ଉପରେ ଆଧାରିତ। ଶୋ' ପାଇଁ ପ୍ରାୟ ସମସ୍ତ ପ୍ରତିଯୋଗୀଙ୍କ ନାମ ଚୂଡ଼ାନ୍ତ ହୋଇଛି । ଏହି ସମୟରେ ପହଲଗାମ୍ ଆକ୍ରମଣରେ ସହିଦ ହୋଇଥିବା ଭାରତୀୟ ସେନା ସୈନିକ ବିନୟ ନରୱାଲଙ୍କ ପତ୍ନୀ ହିମାଂଶୀ ଚର୍ଚ୍ଚାରେ ଅଛନ୍ତି। ତାଙ୍କୁ 'ବିଗ୍ ବସ୍ ୧୯' ପାଇଁ ଅଫର୍ ମିଳିଥିବା ଖବର ଆସିଛି ।ରିପୋର୍ଟ ଅନୁଯାୟୀ, 'ବିଗ୍ ବସ୍ ୧୯'ର ନିର୍ମାତାମାନେ ଏଥର ଶୋ'ରେ ହିମାଂଶୀ ନରୱାଲଙ୍କୁ ଆଣିବାକୁ ଚାହୁଁଛନ୍ତି । ଏହାର କାରଣ ହେଉଛି ଜନସାଧାରଣ। ପ୍ରକୃତରେ, ପହଲଗାମରେ ଆକ୍ରମଣ ପରଠାରୁ ଦର୍ଶକ ହିମାଂଶୀ ନରୱାଲଙ୍କ ସହ ଯୋଡ଼ି ହୋଇଛନ୍ତି ।ଏବଂ ନିର୍ମାତାମାନେ ଚାହାଁନ୍ତି ଯେ ସେହି ଲୋକମାନେ ସେମାନଙ୍କ ଶୋ'ର ଅଂଶ ହୁଅନ୍ତୁ ଯାହାଙ୍କ ସହିତ ଲୋକମାନେ ପୂର୍ବରୁ ଯୋଡ଼ି ହୋଇପାରୁଛନ୍ତି । ଏହି କାରଣରୁ ତାଙ୍କୁ ଏହି ସିଜିନରେ ନେବା ନେଇ ଆଲୋଚନା ହୋଇଛି ।ତେବେ ତାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ଦିଆଯାଇ ନାହିଁ। ସେହି ସମୟରେ, କିଛି ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ତାଙ୍କ ପିତା ବିଗ୍ ବସ୍ ଯିବା ଖବରକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କିଛି ନିଶ୍ଚିତ ହୋଇନାହିଁ। ହିମାଂଶୀଙ୍କ ନିଷ୍ପତ୍ତି କ'ଣ ତାହା ଖୁବ୍ ଶୀଘ୍ର ସ୍ପଷ୍ଟ ହେବ ।ସେ ଶୋ'କୁ ଆସିବେ କି ନାହିଁ। କାରଣ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏପରି ରିପୋର୍ଟ ମଧ୍ୟ ଆସିଛି ଯେ ତାଙ୍କୁ ଶୋ' ପାଇଁ ପ୍ରସ୍ତାବ ଦିଆଯାଇ ନାହିଁ ।ପହଲଗାମ୍ ଆକ୍ରମଣରେ ନୌସେନା ଅଧିକାରୀ ବିନୟ ନରୱାଲ ସହିଦ ହେବା ପରେ ହିମାଂଶୀଙ୍କ ପତ୍ନୀ ହିମାଂଶୀଙ୍କ ନାମ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିଲା। ବିବାହ ପରେ ହନିମୁନ୍ ପାଇଁ ପହଲଗାମ୍ ଯାଇଥିବା ଏହି ଦମ୍ପତିଙ୍କ ଜୀବନ ଆକ୍ରମଣ ପରେ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ହିମାଂଶୀଙ୍କ ଏକ ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ଯେଉଁଠାରେ ତାଙ୍କୁ ତାଙ୍କ ମୃତ ସ୍ୱାମୀଙ୍କ ପାଖରେ ବସି କାନ୍ଦୁଥିବାର ଦେଖାଯାଇଥିଲା।

## ଆଲମଣ୍ଡ ଖାଇଲେ ହୃତପିଣ୍ଡ ସୁସ୍ଥ ହୁଏ



ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନନ୍ଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ନ୍ତସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନନ୍ଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ। ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ।

## ସର୍ଦ୍ଦିରୁ ସୁରକ୍ଷା ଦେବ ଖାଦ୍ୟ

ଏବେ ପାଣିପାଗରେ ହଠାତ୍ ପରିବର୍ତ୍ତନ ଘଟୁଛି। ପ୍ରବଳ ଗରମକୁ ବର୍ଷା ଯୋଗୁ ପ୍ରାୟ ପ୍ରତ୍ୟେକ ପରିବାରରେ ସର୍ଦ୍ଦି, କାଶ ସମସ୍ୟା ଦେଖାଯାଉଛି। କରୋନା ସମୟରେ ଏଭଳି ଲକ୍ଷଣ ପାଇଁ ଭୟ ଲାଗିବା ସ୍ୱାଭାବିକ। ବିଶେଷଜ୍ଞଙ୍କ ମତରେ, ସର୍ଦ୍ଦି-କାଶର ଉପଚାର ଲାଗି ଏପରି କେତେକ ଖାଦ୍ୟ ନିଜ ତାଲିକାରେ ସାମିଲ କରିପାରିବେ।



ସୁପ୍: ଏହା ଗରମଗରମ ପିଆ ଯାଉଥିବାରୁ କଫରୁ ସୁରକ୍ଷା ଦିଏ। ସ୍ୱାସ୍ଥ୍ୟକର ସୁପ୍ ଶରୀରର ବିଭିନ୍ନ ଅଙ୍ଗର ଫୁଲା କମାଇବାରେ ସହାୟକ ହୋଇଥାଏ। ଏଥିରେ ଅଦା, ରସୁଣ, ହଳଦି ଆଦି ପକାଯିବା ଉଚିତ। ସୁପ୍ ବ୍ୟତୀତ ହାଲକା ଉଷୁମ ପାଣି ପିଇବା ମଧ୍ୟ ଉପକାର ଦେଇଥାଏ।

ଭିଟାମିନ୍ ସି: ଏହି ଭିଟାମିନ୍ ଥିବା ଫଳ ଏବଂ ପନିପରିବା କାଶ, ସର୍ଦ୍ଦିର ଉପଚାରରେ ଲାଭଦାୟକ ହୋଇଥାଏ ତଥା ବିଭିନ୍ନ ସଂକ୍ରମଣରୁ ଶରୀରକୁ ସୁରକ୍ଷା ଦିଏ। ତେଣୁ ଭିଟାମିନ୍-ସି'ର ଉପକାର ପାଇବା ଲାଗି ଖାଦ୍ୟରେ ଟମାଟୋ, କମଳା, ଅମୃତଭଣ୍ଡା ଆଦି ସାମିଲ କରନ୍ତୁ।

କେମୋମାଇଲ୍ ଚା': ଏହି ଚା'ରେ ଜୀବାଣୁ ପ୍ରତିରୋଧକ ଗୁଣ ରହିଛି ଏବଂ ଏହା ଭଲ ନିଦ ପାଇବାରେ ସହାୟକ ହୋଇଥାଏ। ତେଣୁ ଶୋଇବାକୁ ଯିବା ପୂର୍ବରୁ ଏହି ଚା' କପେ ପିଇଲେ କାଶ ଓ ସର୍ଦ୍ଦିରୁ ସୁରକ୍ଷା ମିଳିବା ସହ ଆରାମରେ ନିଦ ପାଇପାରିବେ।

କଦଳୀ: ଅନେକଙ୍କର ଧାରଣା, କଦଳୀ ଖାଇଲେ ଥଣ୍ଡା, କାଶ ହେବ। ତେବେ ଏଥିରେ ଥିବା ପଟାସିୟମ କାଶ ଓ ସର୍ଦ୍ଦି ସମସ୍ୟାରେ ଖୁବ୍ ଭଲ କାମ କରେ। କଦଳୀରେ ଥିବା ଏକ ବିଶେଷପ୍ରକାର ପ୍ରୋଟିନ୍ ଲେକ୍ଟିନ ମଧ୍ୟ ସର୍ଦ୍ଦିରୁ ଦୂରେଇ ରଖିବାରେ ସହାୟକ। ଇଚ୍ଛା କଲେ ପାଚିଲା କଦଳୀକୁ ଲୁଣ ଲଗାଇ ଖାଇପାରନ୍ତି। ତେବେ ଅଧିକ କଦଳୀ ଖାଇବା କ୍ଷତିକାରକ।



## ଖୁବ ସ୍ୱତନ୍ତ୍ର ବାବା ଝାଡେଶ୍ୱରଙ୍କ ମହିମା, ଜାଣନ୍ତୁ ଏହାର ଇତିହାସ



ବାବା ଝାଡେଶ୍ୱର । ଦେବଗଡ ସହରବାସୀଙ୍କ ଆରାଧ୍ୟ ଠାକୁର ।ଇତିହାସରୁ ମିଳିଥିବା ତଥ୍ୟ ଅନୁସାରେ ବାମଣ୍ଡାର ଦଶମ ରାଜା ରାମଚନ୍ଦ୍ର ଦେବ ଏକଦା ଶିକାର ଉଦ୍ଦେଶ୍ୟରେ ଆମ୍ଭୁଲପାଣି ଜଙ୍ଗଲକୁ ଯାଇଥିଲେ । ଶିକାର କରିବା ଉଦ୍ଦେଶ୍ୟରେ ବୁଲିଲା ବେଳେ ଦେଖିଲେ ଗୋଟିଏ ମାଳତୀଲତା ମୂଳରେ ଧବଳ ଡିମ୍ବାକୃତି ଶିଳାର ମସ୍ତକରେ ଏକ ନାଗସାପ ଫେଣା ଟେକି ରହିଛି । ସାପକୁ ରାଜା ବନ୍ଧୁକ ଉଠାଇ ଗୁଳି କରିଥିଲେ ।କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଗୁଳି ପଥରରେ ବାଜିବାରୁ ବୋହି ଚାଲିଲା ରକ୍ତଧାର । ଏହା ଦେଖି ରାଜା ଭୟଭୀତ ହୋଇପଡିଲେ। ଜାଣିଲେ ରକ୍ତ ବୋହୁଥିବା ପଥର ହିଁ ଶିବଲିଙ୍ଗ ।ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଦୋଷ ମାର୍ଜନା କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଝାଡ଼ ମଧ୍ୟରୁ ଆର୍ବିଭାବ ହୋଇଥିବାରୁ ଝାଡେଶ୍ୱର ବାବା ନାମରେ ଝାଡ ମଧ୍ୟରେ ପୂଜାପାଇ ଆସୁଥିଲେ ମହାଦେବ ।ବାମଣ୍ଡାର ୨୪ତମ ରାଜା ବାଲୁଙ୍କା ବୃଷଭ ଦେବଙ୍କ ୫ ପୁତ୍ର ମଧ୍ୟରୁ ଦେବଦୁଲ୍ଲଭ ଦେବ ବାବା ଝାଡେଶ୍ୱରଙ୍କ ପାଇଁ ୧୮୫୪ରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ଆଜି ମଧ୍ୟ ବିଦ୍ୟମାନ । ସମୟ କ୍ରମେ ମନ୍ଦିରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ବାବାଙ୍କ ମୁଖ୍ୟପର୍ବ ଶିବରାତ୍ରୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଧବଳେଶ୍ୱର ପୂଜା । ପ୍ରତିଦିନ ପ୍ରତ୍ୟୁଷରେ ମନ୍ଦିର ଖୋଲାଯାଇ ନୀତିକାନ୍ତି ସରିବା ପରେ ସକାଳ ସାଢେ ୬ଟାରେ ଭକ୍ତମାନେ ବାବାଙ୍କୁ ଦର୍ଶନ ପାଇଁ ସୁଯୋଗ ପାଇଥାନ୍ତି ।ଭକ୍ତଙ୍କ ମନସ୍କାମନା ବାବା ପୂର୍ଣ୍ଣ କରୁଥିବା ଭକ୍ତଙ୍କ ରହିଛି ବିଶ୍ୱାସ । ଏହି ଐତିହ୍ୟ ଭରା ଦେବଦୁର୍ଗ ଝାଡେଶ୍ୱର ବାବାଙ୍କ ନିକଟରେ ପହଞ୍ଚିବାକୁ ହେଲେ ଦେବଗଡ ସହର ଠାରୁ ୪ କିଲୋମିଟର ଯିବାକୁ ପଡିବ । ଟ୍ରେନରେ ଆସିଲେ ସମ୍ବଲପୁରରୁ ୯୦ କିଲୋମିଟର, ଝାରସୁଗୁଡ଼ାରୁ ୧୦୦ କିଲୋମିଟର ଓ ରାଉରକେଲାରୁ ୧୩୦ କିଲୋମିଟର ଦୂରରେ ରହିଛି ବାବାଙ୍କ ପୀଠ।

## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ ଅନ୍ୟ କାହା ସହ କଥାବାର୍ତ୍ତା ମଧ୍ୟ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.



■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

# ପ୍ୟାରେଡ ପାଇଁ ରାଜଧାନୀରେ ଟ୍ରାଫିକ୍ କଟକଣା



**ଭୁବନେଶ୍ୱର,୧୧।୮ (ମହାଭାରତ):** ଆସନ୍ତା ସ୍ୱାଧିନତା ଦିବସ ପ୍ୟାରେଡ ପାଇଁ ପୋଲିସ କମିଶନରେଟ୍ ପକ୍ଷରୁ ତିନି ଦିନ ପାଇଁ ମହାତ୍ମାଗାନ୍ଧୀ ମାର୍ଗ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଟ୍ରାଫିକ୍ କଟକଣା ଜାରି କରାଯାଇଛି।

ମହାତ୍ମା ଗାନ୍ଧୀ ମାର୍ଗ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଅଗଷ୍ଟ ୧୨ ତାରିଖ ଦିନ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ, ଅଗଷ୍ଟ ୧୩ ତାରିଖ ସକାଳ ୭ଟାରୁ ୧୧.୩୦ ପର୍ଯ୍ୟନ୍ତ ଏବଂ ଅଗଷ୍ଟ ୧୫ ତାରିଖ ସକାଳ ୬ଟାରୁ ପରେଡ୍ କାର୍ଯ୍ୟକ୍ରମ ସମାପ୍ତ ହେବା ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା କାର୍ଯ୍ୟକାରୀ ହେବ। ପରେଡ୍ ତାରିଖ ଏବଂ ସମୟରେ ମହାତ୍ମା ଗାନ୍ଧୀ ମାର୍ଗ ଏବଂ ଏହାର ପରିଧିରେ ନିମ୍ନଲିଖିତ ଟ୍ରାଫିକ ଡାଇଭର୍ସନ/କଟକଣା ବଳବତ୍ତର ରହିବ। ରାମ ମନ୍ଦିର ପାର୍ଶ୍ୱ କିମ୍ବା ରାଜମହଲ ପାର୍ଶ୍ୱରୁ ମାଷ୍ଟର କ୍ୟାଣ୍ଟିନ୍ ଛକ ଆଡ଼କୁ କୌଣସି ଭାରୀ ଯାନ ଚଳାଚଳ କରିପାରିବ ନାହିଁ।

ରାଜମହଲ ପାର୍ଶ୍ୱରୁ କେବଳ ମାଷ୍ଟର କ୍ୟାଣ୍ଟିନ୍ ଛକ ଦେଇ ରାମ ମନ୍ଦିର ପାର୍ଶ୍ୱକୁ ଦୁଇ ଚକିଆ। ଏବଂ ହାଲୁକା ମୋଟର ଯାନ ଯିବାକୁ ଅନୁମତି ଦିଆଯିବ। ପରେଡ୍ ସମାପ୍ତ ନହେବା ପର୍ଯ୍ୟନ୍ତ ମାଷ୍ଟର କ୍ୟାଣ୍ଟିନ୍ ଛକରୁ ପିଏମଜି ଛକ ଆଡକୁ ଯାନବାହନ ଯିବାକୁ ଅନୁମତି ଦିଆଯିବ ନାହିଁ। ହାଉସିଂ ବୋର୍ଡ ପାର୍ଶ୍ୱରୁ ରବୀନ୍ଦ୍ର ମଣ୍ଡପ ପାର୍ଶ୍ୱକୁ କୌଣସି ଯାନବାହନ ଆସିବାକୁ ଅନୁମତି ଦିଆଯିବ ନାହିଁ ଏବଂ କେଶରୀ ଟକିଜ୍ କ୍ରସିଂରେ ଗତି ପରିବର୍ତ୍ତନ କରାଯିବ।

ଏଜି ସ୍କୋୟାର ପାର୍ଶ୍ୱରୁ କୌଣସି ଯାନକୁ ପିଏମଜି ସ୍କୋୟାର ଆଡକୁ ଯିବାକୁ ଅନୁମତି ଦିଆଯିବ ନାହିଁ ଏବଂ ଜୟଦେବ ଭବନ ସ୍କୋୟାରରେ ଇଡକଲ୍ ଅଡିଟୋରିୟମ୍ ପାର୍ଶ୍ୱ ଆଡକୁ ଗତି କରାଯିବ।

୧୨୦ ବାଟାଲିୟନ ଛକ ପାର୍ଶ୍ୱରୁ ଆସୁଥିବା ସମସ୍ତ ପ୍ରକାରର ଯାନବାହନକୁ ଏମଏଲଏ କଲୋନି କ୍ରସିଂରେ ୟୁନିଟ୍-୪ ଆଡକୁ ସ୍ଥାନାନ୍ତର କରାଯିବ। ମହାତ୍ମା ଗାନ୍ଧୀ ମାର୍ଗକୁ ସ୍ପର୍ଶ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରାଯିବ ଏବଂ କେବଳ ପଦଯାତ୍ରୀମାନଙ୍କୁ ମହାତ୍ମା ଗାନ୍ଧୀ ମାର୍ଗକୁ ଯିବାକୁ ଅନୁମତି ଦିଆଯିବ।

# ମହିଳା କମିଶନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର,୧୧।୮ (ମହାଭାରତ):** ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦିନ ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ତାଙ୍କର ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି ଯେ ସମାଜର ଅସହାୟ ଅବହେଳିତ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ କାମ କରିବେ।

ସେ କହିଛନ୍ତି ଯେ ପ୍ରତିଟି ମହିଳା କିପରି ସୁରକ୍ଷା ପାଇବେ ତୃଣମୂଳ ସ୍ତରରେ ସେ ଦିଗରେ ଚେଷ୍ଟିତ ରହିବି। ସେମାନଙ୍କ ସମସ୍ୟାକୁ ସାମ୍ନାକୁ ଆଣିବି। ଯେଉଁ ଦାୟିତ୍ୱ ମିଳିଛି ଅଧ୍ୟକ୍ଷା ଭାବେ ମୁଁ ସର୍ବଦା ଚେଷ୍ଟା କରିବି ଯେପରି ମହିଳାମାନେ ଗୁହାରି କରି ବିଫଳ ନହେବେ। ମୋ ପାଖକୁ ଯେଉଁ ଅଭିଯୋଗ ଆସିବ ତାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ନିର୍ଣ୍ଣାୟକ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ ସମୀକ୍ଷା



**ଭୁବନେଶ୍ୱର,୧୧।୮ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଏବଂ ପ୍ରଧାନମନ୍ତ୍ରୀ-କୁସୁମ ଭଳି ଶକ୍ତି ବିଭାଗର ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ଏକ ସ୍ଥାୟୀ, ଆତ୍ମନିର୍ଭରଶୀଳ ଶକ୍ତି ଭବିଷ୍ୟତର ଲକ୍ଷ୍ୟରେ ଅଗ୍ରସର ହେଉଛି - ଯେଉଁଠାରେ ନବସୃଜନ ଅନ୍ତର୍ଭୁକ୍ତିକରଣର ସମନ୍ୱୟରେ ପ୍ରତ୍ୟେକ ପରିବାର ଏବଂ ଚାଷୀ ସଶକ୍ତ ହୁଅନ୍ତି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ମୋଟ ୧,୨୮,୩୩୬ ଆବେଦନ କରିଛନ୍ତି, ଯେଉଁଥିରୁ ୧,୨୭,୮୨୦ଟି ଆବେଦନ ସମ୍ଭାବ୍ୟତାକୁ ଅନୁମୋଦନ ଦିଆଯାଇଛି। ଏଯାବତ ୩୩.୬ ମେଗାୱାଟ କ୍ଷମତା ସ୍ଥାପନ କରାଯାଇଛି। ସେହିପରି, ପ୍ରଧାନମନ୍ତ୍ରୀ-କୁସୁମ ଯୋଜନାରେ, ୫୦ ମେଗାୱାଟ କ୍ଷମତାକୁ ଓଡ଼ିଶା ବିଦ୍ୟୁତ ନିୟାମକ ଦ୍ୱାରା ଅନୁମୋଦନ ପ୍ରାପ୍ତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗ ଦ୍ୱାରା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ଭାବରେ ଭେଣ୍ଡରମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକଭାବେ କାର୍ଯ୍ୟ କରୁନଥିବା ଭେଣ୍ଡରଙ୍କ ପଞ୍ଜିକରଣ ରଦ୍ଦ କରିବାକୁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବିତ୍ତପରାମର୍ଶ ଦାତା-ତଥା-ସ୍ୱତନ୍ତ୍ର ସଚିବ ଦେବିଦତ୍ତ ତ୍ରିପାଠି, ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଓରେଡା, ଟାଟା ପାୱାର ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସେମାନଙ୍କର ସୁଦୃଢ଼ ଏବଂ ରଣନୈତିକ ରୋଡମ୍ୟାପ୍ ପ୍ରଦାନ କରିଥିଲେ।

# ଆସିବ ନୂଆ ବିସ୍ଥାପନ ଓ ଥଇଥାନ ନୀତି

**ଭୁବନେଶ୍ୱର,୧୧।୮ (ମହାଭାରତ):** ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତଙ୍କ ଯେଭଳି ଅସୁବିଧା ନ ହେବ ସେଥିପାଇଁ ଓଡ଼ିଶା ସରକାର ୨୦୨୫ ମସିହାରେ ଏକ ନୂତନ ବିସ୍ଥାପନ ଓ ଥଇଥାନ (ଆରଆଣ୍ଡଆର) ନୀତି ଆଣିବାକୁ ଯୋଜନା କରୁଛନ୍ତି।

ରାଜ୍ୟ ସରକାର ଏହି ସମ୍ପର୍କରେ ଏକ ନୂତନ ବ୍ୟବସ୍ଥା ପ୍ରସ୍ତୁତ ଏବଂ ପ୍ରଣୟନ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଛନ୍ତି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଦିନ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି।

ପ୍ରସ୍ତାବିତ ନୀତିର ଅଂଶ ଭାବରେ ବିସ୍ଥାପିତ ଲୋକଙ୍କୁ ବିଭିନ୍ନ ପ୍ରକାରର କ୍ଷତିପୂରଣ ମଧ୍ୟରୁ ଗୋଟିଏ ବାଛିବାର ଅଧିକାର ରହିବାୟ ଯଦି କୌଣସି ପ୍ରକଳ୍ପ ପାଇଁ ଜମି ଆବଶ୍ୟକ ହୁଏ, ତେବେ ସରକାର ଜମି ହରାଇଥିବା ଲୋକଙ୍କ ଉପରେ ଏହାର ଯୋଜନା ଜୋରଜବରଦସ୍ତ ଲଦି ପାରିବେ ନାହିଁ। ପ୍ରଭାବିତ ଲୋକଙ୍କ ଦାବି ଏବଂ ସୁବିଧା ଆଧାରରେ ବିଭିନ୍ନ ବିକଳ୍ପ ଦିଆଯିବ।



ଆର୍ଥିକ କ୍ଷତିପୂରଣ ନେବା ପରିବର୍ତ୍ତେ, ଜମି ହରାଇଥିବା ଲୋକମାନେ ପ୍ରକଳ୍ପରେ ଅଂଶୀଦାର ହେବାକୁ ବାଛିପାରିବେ। ଜମି ବଦଳରେ ଜମି ମଧ୍ୟ ସରକାର ବ୍ୟବସ୍ଥା କରିବେ। ଯଦି ପ୍ରଭାବିତ ଲୋକମାନେ ଚାହାଁନ୍ତି, ତେବେ ସେମାନେ ଆର୍ଥିକ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଏକ ଆନୁପାତିକ ଅଂଶଧନ ମଧ୍ୟ ନେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ନୂତନ ଆରଆଣ୍ଡଆର ନୀତି ଆଦିବାସୀ ସମ୍ପ୍ରଦାୟର ଚିନ୍ତାକୁ ମଧ୍ୟ ସମାଧାନ କରିବ ବୋଲି ଆଶା କରାଯାଉଛି। ଯେଉଁମାନଙ୍କ ମଧ୍ୟରୁ ଅନେକ ନଗଦ ଦେୟ ପରିବର୍ତ୍ତେ ଜମି ବଦଳରେ ଜମି ପାଇବାକୁ ପସନ୍ଦ କରିଛନ୍ତି। ଏହା ବ୍ୟତୀତ କ୍ଷତିପୂରଣ ଭାବରେ ପ୍ରଦାନ କରାଯାଇଥିବା ଟଙ୍କା ଅନେକ କ୍ଷେତ୍ରରେ ତିନି ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ପାଖରେ ରହିନଥାଏ। ସେହିପରି ଅନେକ ଲୋକ ବ୍ୟବସାୟ ଓ ନିବେଶ କିପରି କରିବେ ତାହା ଜାଣନ୍ତି ନାହିଁୟ ଫଳରେ ସେମାନେ କ୍ଷତିପୂରଣ ଟଙ୍କା ହରାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଭାବିତ ପରିବାର ପାଇଁ ଦୀର୍ଘକାଳୀନ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ବର୍ତ୍ତମାନ ନୀତିକୁ ଆଧୁନିକ ବିସ୍ଥାପନ ଏବଂ ଥଇଥାନ ମଡେଲ ସହିତ ସମନ୍ୱୟ କରୁଛି। ଏହି ପଦ୍ଧତିର ଲକ୍ଷ୍ୟ ହେଉଛି ପ୍ରକଳ୍ପରେ ଅଂଶଗ୍ରହଣ, ବିକଳ୍ପ ଜୀବିକା ସୁଯୋଗ ଏବଂ ଭୂମି ବିନିମୟ ସମେତ ବହୁବିଧ ଥଇଥାନର ବିକଳ୍ପ ପ୍ରଦାନ କରିବାୟ ଏହା ବ୍ୟତୀତ ଜିଲ୍ଲାପାଳ ମାନଙ୍କୁ ଶୀଘ୍ର ପ୍ରଭାବିତ ବ୍ୟକ୍ତିମାନଙ୍କ ବିଷୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କୁହାଯିବ। ଏହି ରିପୋର୍ଟ ଆଧାରରେ ସରକାର ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭା

**ଭୁବନେଶ୍ୱର,୧୧।୮ (ମହାଭାରତ):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ୧୦୯ ତମ ବାର୍ଷିକ ସାଧାରଣ ସଭା ରେ ବ୍ୟାଙ୍କ ର ସଭାପତି ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ ମହୋଦୟ ଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ଜଳନ ପରେ ବ୍ୟାଙ୍କ ର ପ୍ରତିଷ୍ଠାତା ସ୍ୱର୍ଗତ ରାୟ ସାହେବ ସତୀଶ ଚନ୍ଦ୍ର ଚକ୍ରବର୍ତ୍ତୀ ଓ ଓଡିଶା ସମବାୟ ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କୁ ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ, ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଥିଲା। ଏହି ସଭାରେ ଯୁଗ୍ମ ନିବନ୍ଧକ ସମବାୟ ସମିତି ସମୂହ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଦାସ ସଭାରେ ଉପସ୍ଥିତ ରହି ଋଷୀ ତଥା ସମିତି ମାନଙ୍କ ପାଇଁ ଓଡିଶା ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ଯୋଜନା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସମବାୟ ବିଭାଗର ଅଧିକାରୀ ଗଣ ଉପସ୍ଥିତ ଥିଲେ। ଉପନିବନ୍ଧକ ଅଲକାନନ୍ଦା ଜେନା ଉପସ୍ଥିତ ହୋଇ ସମବାୟ ସମିତି ବିଷୟରେ ଆଲୋକପାତ କରିଥିଲେ। ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ମଣ୍ଡଳ ଶ୍ରୀଯୁକ୍ତ ଭାଗମତ ମାରାଣ୍ଡି ନିଜର ବକ୍ତବ୍ୟ ମାଧ୍ୟମରେ ସମସ୍ତ ସମିତି କର୍ମଚାରୀ ମାନଙ୍କ ସହଯୋଗରେ ସମବାୟ କୁ ଅଗ୍ରସର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କ ସହିତ ଅନୁବନ୍ଧିତ ସମିତି ର ସଭାପତି/ପ୍ରତିନିଧି ଏବଂ ସମ୍ପାଦକ ବନ୍ଧୁଗଣ ଯୋଗ ଦେଇଥିଲେ। ବ୍ୟାଙ୍କ ର ସଭାପତି ନିଜର ବ୍ୟାଙ୍କ ରେ କରାଯାଇଥିବା ବିଭିନ୍ନ ଉନୟନ ମୂଳକ କାମ ର ଚିଠା ଉପସ୍ଥାପନ କରିଥିଲେ ଓ ପରିଚାଳନା ପରିଷଦର ନିଷ୍ପତ୍ତି ଅନୁସାରେ ଏହି ୩ ବର୍ଷ ଭିତରେ ବ୍ୟାଙ୍କର ବ୍ୟବସାୟ ର ଦ୍ରୁତତମ ଅଭିବୃଦ୍ଧି ର ଏକ ତୁଳନାତ୍ମକ ଚିଠା ଉପସ୍ଥାପନ କରିଥିଲେ। ବାକି ରହିଯାଇଥିବ କାମ କୁ ଅତି ଶୀଘ୍ର ସମାପନ କରାଯିବାପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ବ୍ୟାଙ୍କ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସାରଥୀ ଶତପଥୀ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ କରିଥିଲେ ୟ ନିର୍ଦ୍ଦେଶକ ସୁଧାଂଶୁ ଶେଖର ବଡ଼ଜେନା, ପ୍ରକାଶ ରାଉତରାୟ ଓ ବିପିନ ବିହାରୀ ପାତ୍ର ନିଜର ବକ୍ତବ୍ୟ ରଖୁଥିଲେ। ସର୍ବଶେଷରେ ଶ୍ରୀମତୀ ଜୟଶ୍ରୀ ଗଡ଼ନାୟକ ସଭା ରେ ଉପସ୍ଥିତ ସମସ୍ତ ବ୍ୟାଙ୍କର ଅଂଶୀଦାର ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଏହି ସଭାରେ ଜ୍ୟୋତି ରଞ୍ଜନ ରାଉତରାୟ ସଭା ସଂଚାଳନା କରିଥିଲେ।




# ବିଏମସି ପକ୍ଷରୁ ୧୦୮ ବେଲ ଉଦ୍ୟାନ



**ଭୁବନେଶ୍ୱର,୧୧।୮ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପୋଖରୀପୁଟ ସ୍ଥିତ ଝରା ପୋଖରୀ ହୁଡାରେ ୧୦୮ବେଲ ଚାରା ରୋପଣ କରାଯାଇଛି। ଭୁବନେଶ୍ୱରର ସାଂସ୍କୃତିକ ପରମ୍ପରାକୁ ଖାପ ଖୁଆଇବାଭଳି ଏହା ଏକ ଅଭିନବ ବୃକ୍ଷ ରୋପଣ ଅଭିଯାନ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା । ସଂପ୍ରତି ଞ୍ଚ“ମା’ ପାଇଁ ଗଛଟିଏ”ଞ୍ଚ ବାର୍ତାନେଇ କରାଯାଉଥିବା ବୃକ୍ଷ ରୋପଣ ଘରେ ଘରେ ସବୁଜିମାର ବାର୍ତା ଦେଉଥିବା ବେଳେ, ବେଲ ଗଛ ଲଗାଇବା ଏକ ଦୀର୍ଘକାଳୀନ ପ୍ରୟାସ । ଏକାମ୍ର କ୍ଷେତ୍ରର ମହନୀୟତାକୁ ଏହା ପ୍ରତିପାଦନ କରିଛି । ଆଗାମୀ ଦିନ ଗୁଡିକରେ ନାଗରିକ ମାନଙ୍କର ସହଯୋଗ ଏଭଳି ପ୍ରୟାସକୁ ଆଗେଇ ନେଉ ବୋଲି ବି ଏମ୍ ସି ପକ୍ଷରୁ ନିବେଦନ କରାଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କଁଅର, କମିଶନର ଚଞ୍ଚଳ ରାଣା ଙ୍କ ସମେତ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍, ସ୍ଥାନୀୟ କର୍ପୋରେଟର ଏବଂ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ।

# କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଜ୍ୟୋତି ସିଏନସି ସହିତ ସହଭାଗୀତା

**ଭୁବନେଶ୍ୱର,୧୧।୮ (ମହାଭାରତ):** କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ (କେଏମବିଏଲ) ଜ୍ୟୋତି ସିଏନସି ଯେ କି ଭାରତର ଏକ ଅଗ୍ରଣୀ ସିଏନସି ଯାନ୍ତ୍ରିକ ନିର୍ମାଣକାରୀ ଏହା ସହିତ ମିଶି ଏକ ବିଶେଷ ଉଦ୍ଦେଶ୍ୟ ସାଧନକାରୀ ବ୍ୟବସ୍ଥାର ଘୋଷଣା କରିଅଛି ଯାହାକି ଷ୍ଟାଣ୍ଡାଲୋନ ଆଧାରରେ ମେସିନ ଯନ୍ତ୍ରପାତି ଶିଳ୍ପରେ ପାରମ୍ପରିକ ଆର୍ଥିକ ସମାଧାନରେ ସଜ୍ଜିତ ଅଫର ପ୍ରଦାନ ସହିତ ଏହା ମଧ୍ୟ ଏମଏସଏମଇକୁ ସଶକ୍ତ କରିପାରିବ।

ବ୍ୟବସାୟୀକତାକୁ ଦୃଷ୍ଟିରେ ରଖି ପୁଞ୍ଜିକୁ ସହଜ ସରଳ ଭାବରେ ଗ୍ରହଣ କରି ସିଏନସିର ଆଧୁନିକତମ ଯନ୍ତ୍ରାଂଶରେ ବିନିଯୋଗ କରିବା ଏହି ସହଭାଗୀତାର ମୂଳ ଲକ୍ଷ୍ୟ। ଏହି ବ୍ୟବସ୍ଥା ଅଧିନରେ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଡ଼ିଜିଟାଲ ଭାବରେ ୩ କୋଟି ଟଙ୍କା ପର୍ଯ୍ୟନ୍ତ ଯନ୍ତ୍ରାଂଶ ଉପରେ ଋଣ ପ୍ରଦାନ ଅଫର ରଖିଛି ଯାହାକି ଦ୍ରୁତଶୀଳ ତଥା ଅଧିକ ନମନୀୟ ଅର୍ଥ ବ୍ୟବସ୍ଥାକୁ ସକ୍ଷମ କରିପାରିବ।

ରୋହିତ ଭାସିନ୍, ସଭାପତି, ମୁଖ୍ୟ-ବିଜିନେଓ ବ୍ୟାଙ୍କିଙ୍ଗ, ଆଫ୍ଲୁଏଂଟ, ଏନଆରଆଇ ଏବଂ ପ୍ରମୁଖ ମାର୍କେଟିଙ୍ଗ ଅଫିସର, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ କହିଛନ୍ତି, “ଏମଏସଏମଇକୁ ଏହାର ପ୍ରତ୍ୟେକ ପର୍ଯ୍ୟାୟରେ ସହଯୋଗ ତଥା ଏହାର ଅଭିବୃଦ୍ଧି ନିମନ୍ତେ ଏହିଭଳି ଏକ ବ୍ୟବସ୍ଥା ଆମର ବଚନବଦ୍ଧତାର ପ୍ରତିଫଳନ ଅଟେ। ନିଜସ୍ୱ ଜ୍ଞାନକୌଶଳରେ ଆର୍ଥିକ ସମାଧାନ ପ୍ରଦାନ ପୂର୍ବକ ଏ ଦିଗରେ ଆମର ଲକ୍ଷ୍ୟ ହେଉଛି, କାର୍ଯ୍ୟ ଦକ୍ଷତାକୁ ଆହୁରି ଅଧିକ ବୃଦ୍ଧି, ଆଧୁନିକତମ ଜ୍ଞାନକୌଶଳର ଉପଯୋଗ ତଥା ଉତ୍ପାଦନୀୟ ବୃଦ୍ଧିକୁ ନେଇ ନିର୍ମାଣକାରୀ ମାନଙ୍କୁ ସଶକ୍ତ କରିବା।” ଏମଏସଏମଇର ପରିସରକୁ ବ୍ୟାପକ କରିବା ପାଇଁ ଏହି ପଦକ୍ଷେପ ଯେଉଁ ସବୁ ସୁଯୋଗ ପ୍ରଦାନ ପାଇଁ ଡ଼ିଜାଇନ ହୋଇଛି ସେଥିରେ ଅନ୍ତର୍ଭୁକ୍ତ ରହିଛି: ବିରାଟ ଅଟୋମୋବାଇଲ ନିର୍ମାଣକାରୀଙ୍କ ନିମନ୍ତେ ଓଇଏମ ଯୋଗାଣକାରୀତା କ୍ଷୁଦ୍ର ସ୍ତର ସହିତ ସୀମିତ ଯନ୍ତ୍ରାଂଶ ଉପରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ କାର୍ଯ୍ୟ ସମ୍ପାଦନ ବ୍ୟବସ୍ଥା ।

# ଅନୀଲ ପ୍ରସାଦ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା

**ଭୁବନେଶ୍ୱର,୧୧।୮ (ମହାଭାରତ):** ଓଡ଼ିଶାର ଜଣେ ପ୍ରତିଷ୍ଠିତ ଫଟୋ ସାମ୍ବାଦିକତାର ଜନକ ଭାବେ ପରିଚିତ ତଥା ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ଓ ଇପିଏର ପ୍ରତିଷ୍ଠାତା ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା ସୋମବାର ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି। ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ, ଫଟୋ ମାଧ୍ୟମରେ ଅନେକ ବାର୍ତା ଦେଉଥିଲେ ଅନୀଲ। ତାଙ୍କ ଫଟୋ କଥା କହୁଥିଲା। ସମାଜକୁ ସଚେତନ କରିବା ସହ ଶାସକ ଓ ବିରୋଧୀ ଦଳକୁ ବାଟ ଦେଖାଉଥିଲା ସେ ଥିଲେ ବଡ଼ ସ୍ୱାଭିମାନୀ। କାହାକୁ କେବେହେଲେ ସହଯୋଗ ମାଗି ନାହାଁନ୍ତି ବୋଲି ଶ୍ରୀ ଦାସ କହିଥିଲେ।



ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ସେ ବିଜୁବାବୁଙ୍କ ନିକଟରେ ଥିଲେ। ତାଙ୍କର ଫଟୋକୁ ନେଇ ବିଜୁ ଗ୍ୟାଲେରୀ କରିଥିଲେ। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଆସିଆ ବେଗମ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଇଷ୍ଟର୍ଣ୍ଣ ପ୍ରେସ୍ର ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନଗ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଇପିଏର ସମ୍ପାଦିକା ଅଞ୍ଜଳି ମିଶ୍ରଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା। ପ୍ରଥମେ ମାସୀନ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମାନୀୟ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ କାର୍ଯ୍ୟ, ନିଷ୍ଠା ଓ ବଳିଷ୍ଠ ଉଦ୍ୟମର ପ୍ରଶଂସା କରିବା ସହିତ କେଉଁଭଳି ଭାବରେ ଅନେକ ସାମ୍ବାଦିକଙ୍କ ପାଇଁ ପ୍ରେରଣା ସାଜିଛନ୍ତି, ସେ ବାବଦରେ ମତ ରଖିଥିଲେ। ଏହି ଅବସରରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମଂଚ ଉପରେ ସମ୍ମାନିତ କରାଯାଇଥିଲା ଏବଂ ଇପିଏ ଉଇକ୍ଲିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମର ମଂଚ ପରିଚାଳନା ଦାୟିତ୍ୱରେ ଥିଲେ ବରିଷ୍ଠ ସାମ୍ବାଦିକା ସୌମ୍ୟା ତ୍ରିପାଠୀ ।

# ଭାସମଲ ବିଦ୍ୟା ବାଲାନ୍‌ଙ୍କ ସହିତ ନୂଆ ହେନ୍ନା କ୍ରିମେ ହେୟାର କଲର ଟିଭିସିର ଶୁଭାରମ୍ଭ

**ଭୁବନେଶ୍ୱର,୧୧।୮ (ମହାଭାରତ):** ଭାସମଲ, ଭାରତର ଏକ ସବୁଠାରୁ ବିଶ୍ୱାସଯୋଗ୍ୟ ହେୟାର କଲର ବ୍ରାଣ୍ଡ ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଧରି ଏହାର ବଂଶାନୁକ୍ରମିକତାକୁ ପ୍ରଶସ୍ତ କରିବା ସହିତ, ଏହାର ଏଇ ନିକଟରେ ଉପସ୍ଥାପିତ ବୈଶିଷ୍ଟ୍ୟକାରୀ ବ୍ରାଣ୍ଡ ଆମ୍ବାସାଡ଼ର ବିଦ୍ୟା ବାଲାନ୍‌ଙ୍କ ସହିତ ଭାସମଲ ହେନ୍ନା କ୍ରିମେ ହେୟାର କଲର ର ଏକ ନୂତନ ଟିଭିସିର ଶୁଭାରମ୍ଭ ହୋଇଛି। ବିଜ୍ଞାପନଟି ସମସ୍ତ ମୌଳିକ ସୌନ୍ଦର୍ଯ୍ୟକାରୀତା ଜରିଆରେ ପାରମ୍ପରିକତା ତଥା ସହଯୋଗୀ କାହାଣୀକୁ ଆବଦ୍ଧ କରିପାରିଛି। ଏହା ହେନ୍ନାର ପ୍ରାକୃତିକ ଉପକାରୀତାର ସହଜ କ୍ରିମ ଫର୍ମାଟ ଉପରେ ଆଲୋକପାତ କରିବା ସହିତ ଐତିହ୍ୟ ଏବଂ ନବୀନତାର ଭାବପ୍ରବଣ ମହକତା ପ୍ରଦାନ କରିଅଛି। ଅଭିଯାନର ବାର୍ତ୍ତାଗୁଡ଼ିକ ପ୍ରତ୍ୟେକ ମହିଳାଙ୍କ ସଶକ୍ତିକରଣର ଆବେଗତାକୁ ଧରି ରଖିବା ସହିତ ଯଥାର୍ଥରେ “ସୁରକ୍ଷିତ ରହେ ମେରେ ବାଲ” କହିବା ସହିତ ଏଥିରେ ଦୂର ଅବଧିର ବିଶ୍ୱସନୀୟତାକୁ ଯୋଡ଼ି ପାରିଛି।

ଏହି ଟିଭିସିର ଅନ୍ତର୍ନିହିତା ସହିତ ନିଜକୁ ସାମିଲ କରି ଧିରଜ ଅରୋରା, ଏମଡ଼ି ଓ ସିଇଓ ଏଚ୍‌ଆରଆଇପିଏଲ, ମତବ୍ୟକ୍ତ କରି କହିଛନ୍ତି, “ଏହି ଅଭିଯାନ ଭାସମଲର ଜୟଯାତ୍ରାରେ ଆମର ବ୍ରାଣ୍ଡ-ପ୍ରତିଷ୍ଠା ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ଅଟେ। ଏହା ରହିଥିବା ଆମରବିସ୍ତାରିତ ରଣନୀତିକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ଆଞ୍ଚଳିକତାର ବିଭିନ୍ନ ଦିଗକୁ ପ୍ରତିଫଳିତ କରିବା ସଙ୍ଗେ ସଙ୍ଗେ ଏକ ଜାତୀୟ ପ୍ରାସଙ୍ଗିକତାକୁ ଗୌରାବନ୍ୱିତ କରିପାରିଛି।

# ଟ୍ରମ୍ପଙ୍କ ନାଲିଆଖି

ଇରାନର ୩ ପରମାଣୁ କେନ୍ଦ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଆମେରିକା ଦାବି କରିଛି। ଇରାନ ଉପରେ ଏଭଳି ଆକ୍ରମଣ ନିମନ୍ତେ ଆମେରିକା ବହୁ ଦିନରୁ ଯୋଜନା କରିଥିଲା ଏବଂ ପ୍ରସ୍ତୁତି ଚଳାଇଥିଲା। ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲକୁ ଆମେରିକା ହିଁ ପ୍ରୋତ୍ସାହିତ କରିଥିଲା। ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବା ଦାବି କରି ବାହା ବା ନେଉଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଉପରେ ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇପାରିଲେନି ? ଇରାନ ଉପରେ ଆକ୍ରମଣକୁ ଟ୍ରମ୍ପ ଯଥାର୍ଥ ବୋଲି କହିଛନ୍ତି। ଟ୍ରମ୍ପଙ୍କ କହିବାନୁଯାୟୀ ଇରାନ ଏକ ଆତଙ୍କବାଦୀ ରାଷ୍ଟ୍ର। ଏହା ପରାମାଣୁ ଶକ୍ତି ସମ୍ପନ୍ନ ହେବା ସମଗ୍ର ବିଶ୍ୱ ବା ମାନବଜାତି ପାଇଁ ବିପଦ। ଏହା ସତ କଥା। କିନ୍ତୁ ଇରାନ ଯଦି ଆତଙ୍କବାଦୀ ରାଷ୍ଟ୍ର, ତେବେ ପାକିସ୍ତାନ କ"ଣ ? ଇରାନ ଅପେକ୍ଷା ପାକିସ୍ତାନ ନିକଟରେ ଅଧିକ ପରମାଣୁ ଅସ୍ତ୍ର ରହିଛି। ଗୋଟିଏ ପଟେ ଟ୍ରମ୍ପ ପାକିସ୍ତାନକୁ ସାହାଯ୍ୟ, ସମର୍ଥନ କରୁଛନ୍ତି ଏବଂ ଏହାକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନ୍ୟ ପଟେ ଇରାନ ଉପରେ ଆକ୍ରମଣ କରୁଛନ୍ତି। ଏହା ଟ୍ରମ୍ପଙ୍କ ଦୋମୁହାଁ ନୀତିର ପରିଚାୟକ। ଇରାନ ତୁଳନାରେ ପାକିସ୍ତାନ ଅଧିକ ମାରାତ୍ମକ ଦେଶ। ପାକିସ୍ତାନ ହେଉଛି ବିଶ୍ୱ ଆତଙ୍କବାଦର ଏନ୍ତୁଡ଼ିଶାଳ। ପହଲଗାମ ଆତଙ୍କୀ ହମଲା ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଉପରେ ଆକ୍ରମଣ କରି ସେଠାରେ ଥିବା ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲା। ଭାରତୀୟ ସେନାର ଆକ୍ରମଣରେ ଭୟଭୀତ ପାକିସ୍ତାନ ଆମେରିକାର ଶରଣ ପଶିଥିଲା। ଆମେରକା ଚାପରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବିରତି ଲାଗି ସହମତ ହେଲେ। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଆମେରିକାର ଏହି ନୀତି ସମସ୍ତଙ୍କ ପାଇଁ ଲାଗୁ ହେବା ଉଚିତ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଆମେରିକା ନିଜେ କାହିଁକି ପରମାଣୁ ଅସ୍ତ୍ର ଗଚ୍ଛିତ ରଖିଛି ? ବିଶ୍ୱରେ ପ୍ରଥମେ କିଏ ପରମାଣୁ ଅସ୍ତ୍ର ବ୍ୟବହାର କରିଥିଲା। ଏବେ ବିଶ୍ୱର ଅନେକ ଦେଶରେ ପରମାଣୁ ଅସ୍ତ୍ର ରହିଛି। ଉତ୍ତର କୋରିଆ ନିକଟରେ ମଧ୍ୟ ଏହା ରହିଛି। ଆମେରିକାର ଯଦି ସତସାହସ ଅଛି ତେବେ ଉତ୍ତର କୋରିଆ ଉପରେ ଆକ୍ରମଣ କରି ଏହାର ପରମାଣୁ ଅସ୍ତ୍ରକୁ ନଷ୍ଟ କରିବା ଉଚିତ। ସେଠାରେ କିମ ଜଙ୍ଗ ଉନ ଦୀର୍ଘ ବର୍ଷ ହେବ ଏକଛତ୍ରବାଦୀ ଶାସନ ଚଳାଇଆସୁଛନ୍ତି। ତାଙ୍କୁ ଆମେରିକା ଗାଦିଚ୍ୟୁତ କରିବାକୁ ପ୍ରୟାସ କରିବା ଉଚିତ। ଏହା ଦ୍ୱାରା ଉତ୍ତର କୋରିଆର ଅନେକ ନିରୀହ ବ୍ୟକ୍ତି ଅତ୍ୟାଚାରରୁ ରକ୍ଷା ପାଇପାରନ୍ତେ। ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ସଙ୍କଳ୍ପ ନେଇଛି। ମଧ୍ୟପ୍ରାଚ୍ୟରେ ଥିବା ପ୍ରତ୍ୟେକ ଆମେରିକୀୟଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ କେବଳ ଟ୍ରମ୍ପ ଦାୟୀ। ଆମେରିକାର ଆକ୍ରମଣ ପରେ ଇରାନ ହରମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ରୁଟ ଦେଇ ବିଶ୍ୱର ଏକ ତୃତୀୟାଂଶ ତୈଳ ପରିହନ ହୋଇଥାଏ। ହରମୁଜ ପ୍ରଣାଳୀ ବନ୍ଦ ହେଲେ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇବ ଏବଂ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ। ତୈଳ ଦର ବୃଦ୍ଧି ପାଇଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଭିବୃଦ୍ଧି ହାର କମିବ।

# ଭିତରକନିକାର ଭିତିରି କଥା

॥ ବାଦଲ ଭୂୟାଁ ॥

"
ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ୍ଲଫିନ, ଅଲିଭ୍ ରିଡ୍ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଛ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।

ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବର୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ତିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

# ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

॥ ଡଃ ବାସୁଦେବ ଦାସ ॥

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ। ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି। ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ। ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି। ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ। ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା। କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏଣ୍ଡା ଏକ ଅଖ୍ୟାତ ପଲ୍ଲୀ। ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା। ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ। ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା। ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା। ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଖଗେଶ୍ୱର ଓ ପତ୍ନୀ ସୁକ୍ଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ। ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ। ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି।

ଡାଳିକାଏଣ୍ଡା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ। ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ। ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ। ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା। ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ। ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା।୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ। ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ।୧୯୧୯ରେ ପଂଞ୍ଜାବର ଜାଲିଓ୍ୱାନାୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର। ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ। ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା। ସେତେବେଳକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି। ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ। ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି। ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି। ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ। ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ। ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା। ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି। ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା"। ଅସୀ ଠାରୁ ମସୀ ଶକ୍ତିଶାଳୀ। ଏ ବହି ନୁହେଁ ବୋମା। ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା। କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା। ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ। ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ। କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ। ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ। ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି। ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଡୁଆଳ ପ୍ରାଣ ହରାଇଥିଲେ। ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି। ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ। ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ। କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି। ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ। ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ। ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି। ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି।

ବଳଦେବ କଲୋନି, ଜୟପୁରା, କେନ୍ଦ୍ରାପଡା

# ବଢୁଛି ହାଇପୋର୍ଥେମିଆ

॥ ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର ॥

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ। ଯାହାକୁ ହାଇପୋର୍ଥେମିଆ ବା ଅଳ୍ପତାପ କୁହନ୍ତି। ଏହାର ଅନ୍ୟନାମ କୋଲ୍ଡ ଟ୍ରେସ ସିଣ୍ଡ୍ରୋମ। ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ। କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ।

ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି। ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ। ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ ରହିଥାଏ। ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି। ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା। ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ। ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ। ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ। ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ। ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ। ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ। ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ।

ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ। ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ। କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ ଏହା ହୁଏ। ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ ହାଇପୋର୍ଥେମିଆ ହୋଇଥାଏ। ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ। ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷ୍ମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ। ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ।

ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ। ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ। ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ। ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତତି। ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି। ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି। ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ। କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି। ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ। କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ।

ଉପଚାର : ଉଷ୍ମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର। ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷ୍ମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ। ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ। ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ। ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ। ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ। ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ।

ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ : ୮୨୮୦୧୨୭୯୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଭୋଟ୍ ଚୋରୀ ସମ୍ପର୍କିତ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଅନୁଗୋଳ, (ମହାଭାରତ): ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଞ୍ଜଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଭୋଟ ଚୋରି ନେଇ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଖୋଲାସାକୁ ପ୍ରଦର୍ଶିତ କରିବା ସହ ପ୍ରଦେଶ କଂଗ୍ରେସ କମିଟିର ମିଡିଆ ସେଲ ପ୍ରବକ୍ତା ପ୍ରଶାନ୍ତ ଶତପଥୀ ବିଭିନ୍ନ ସ୍ଥାନରେ ହୋଇଥିବା ଭୋଟ ଚୋରି ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ୨୦୧୪ରେ କେନ୍ଦ୍ରରେ ଶାସନକୁ ବିଜେପି ଆସିବା ପରଠାରୁ ଅନୁଷ୍ଠିତ ବିଭିନ୍ନ ନିର୍ବାଚନର ଫଳାଫଳ ଅତ୍ୟନ୍ତ ଅପ୍ରତ୍ୟାଶିତ ହେଉଥିବାରୁ ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ହେରଫେର ହେଉଥିବା ଆଶଙ୍କା ପ୍ରକାଶ ପାଉଥିଲା। ତେବେ ଗତ ୭ ଅଗଷ୍ଟ କଂଗ୍ରେସର ସର୍ବମାନ୍ୟ ନେତା ଦୀର୍ଘ ୧ ଘଣ୍ଟା ୧୧ ମିନିଟର ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ପ୍ରମାଣ ରଖିବା ପରେ ଦେଶବାସୀ ସ୍ତବ୍ଧ ହୋଇଯାଇଛନ୍ତି। ଦେମାସ ତଳେ ରାହୁଲ ଗାନ୍ଧୀ ନିର୍ବାଚନ ଆୟୋଗ ମହାରାଷ୍ଟ୍ର କିପରି କୋଟିଏ ଭୋଟର୍ଙ୍କୁ ୫ ମାସରେ ଯୋଡ଼ି ବିଧାନସଭା ନିର୍ବାଚନ ବିଜେପି ଜିତିବା ମାର୍ଗ ପ୍ରଶସ୍ତ କରିଥିଲା, ତା'ର ବିସ୍ତୃତ ବିବରଣୀ ଦେଇଥିଲେ। ପୂର୍ବ ୫ ବର୍ଷରେ ମଧ ଏତେ ସଂଖ୍ୟକ ନୂଆ ଭୋଟରଙ୍କ ନାମ ତାଲିକାରେ ଯୋଡ଼ାହୋଇ ନ ଥିଲା, ଯେତେ ନୂଆ ଭୋଟର ବିଧାନସଭା ନିର୍ବାଚନର ୫ ମାସ ପୂର୍ବରୁ ଯୋଡ଼ି ହୋଇଥିଲେ।

## ସାମ୍ବାଦିକଙ୍କୁ ଜୀବନରୁ ମାରି ଦେବାକୁ ଧମକ ପରେ ଥାନାର ଦ୍ୱାରସ୍ଥ ହେଲେ ସାମ୍ବାଦିକ

ଅନୁଗୋଳ, (ମହାଭାରତ):ସାମ୍ବାଦିକ ସବୁବେଳେ ସଠିକ୍ ଖବର ପରିବେଷଣ ସହିତ ଦୁର୍ନୀତି , ନ୍ୟାୟ , ଅନ୍ୟାୟ , ଘଟଣା ଦୁର୍ଘଟଣା ଆଦି କୁ ଲୋକ ଲୋଚନକୁ ଆଣିଥାଏ । ଏଥିପାଇଁ ସେମାନେ ଅନେକ ସମୟରେ କିଛି ଖଳ ପ୍ରକୃତିର ଓ ଅସାମାଜିକ ଲୋକଙ୍କ ର ଆକ୍ରୋଶର ଶିକାର ହେବା ସହିତ ରାଜନୈତିକ ଦଳର ବିରୋଧୀ ହୋଇଥାନ୍ତି । ଏହା ଭାରତ ଭଳି ନାମ କୁ ମାତ୍ର ଗଣତାନ୍ତ୍ରିକ ରାଷ୍ଟ୍ର କହୁଥିବା ଦେଶରେ ସାଧାରଣ କଥା ହୋଇ ଗଲାଣି , ସାମ୍ବାଦିକ କୁ ସଠିକ୍ ଖବର ପ୍ରସାରଣର ବିରୋଧ କରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେବା, ବାଟ ଘାଟରେ ଅଟକାଇ ଧମକ ଦେବା ଭଳି ଘଟଣା ଦେଖିବାକୁ ମିଳୁଛି । ତେବେ ଏମିତି କିଛି ଘଟଣା ଘଟିଛି ଅନୁଗୋଳ ରେ ଓଡ଼ିଶା ଭାସ୍କର ପାଇଁ କାର୍ଯ୍ୟ କରୁଥିବା ଜିଲ୍ଲା ପ୍ରତିନିଧି ସିପୁନ ସାହୁ ଙ୍କ କ୍ଷେତ୍ରରେ । ଅନୁଗୋଳ ଜିଲ୍ଲା ନିଶା ଶିଙ୍ଖାଞ୍ଚଳ ଥାନା ଅନ୍ତର୍ଗତ ଷଣ୍ଢପାଳ ଗ୍ରାମ ର ସିପୁନ ସାହୁ , ଯେ କି ଓଡ଼ିଶା ଭାସ୍କର ରେ କାର୍ଯ୍ୟ କରନ୍ତି ସେ ଗତ କିଛି ଦିନ ତଳେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଙ୍କ ନାମରେ ଏକ ମହିଳା ଅଭିଯୋଗ କ୍ରମେ ଏକ ସତ୍ୟ ଖବର ପରିବେଷଣ କରିଥିଲେ। ଖବର ଟି ହେଲା ଯେ ବିଧାୟକ ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଦେଇଥିବା ପ୍ରତିଶ୍ରୁତି ପାଳନ ନକରି ବାରମ୍ବାର ତାଙ୍କୁ ଠକି ଚାଲିଛନ୍ତି। ଏହି ଖବର ପ୍ରସାରଣ କରିବା ପରେ ବିଧାୟକ ତାଙ୍କର କିଛି ଗୁଣ୍ଡା କୁ ଲଗାଇ ସିପୁନ କୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଟ୍ରକ ଚଢ଼େଇ ଦେବାକୁ ଧମକ ଦେଉଛନ୍ତି । ଏଥି ସହିତ ତାଙ୍କୁ ବାରମ୍ବାର କାର୍ଯ୍ୟ କରାଇ ଦେଉନାହାଁନ୍ତି । ଯାହା ଫଳରେ ସିପୁନ ଥାନାରେ ଲିଖିତ ଅଭିଯୋଗ କରୁଛନ୍ତି।

## ବୟସ୮୦ ପାର, ସାତଶପନ ବର୍ଦ୍ଧିତ ଭତ୍ତା ଅବା ଅନ୍ତୋଦୟ

ହିନ୍ଦୋଳ, (ମହାଭାରତ) : ଓଡିଶାର ଭୋଟର ବହୁ ଆଶାନେଇ ସରକାର ପରିବର୍ତ୍ତନ କରିଥିଲେୟନିର୍ବାଚନର ମୁଖ୍ୟ ପ୍ରତିଶୃତିରେ ଥିଲା ବାର୍ଦ୍ଧକ୍ୟ, ବିକଳାଙ୍ଗ ଭତ୍ତା ୩୫ସହ ଟଙ୍କା, ତିନିଶହ ୟୁନିଟ ବିଜୁଳି, ବର୍ଷକୁ ୫୦ହଜାର ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସାହାଯ୍ୟ ଏମିତି ଅନେକ ସ୍ୱପ୍ନ ଦେଖାଇଲେ ମାତ୍ର ବର୍ଦ୍ଧିତ ଭତ୍ତା ୮୦ବର୍ଷ, ୮୦%ପ୍ରତିଶତ ବିକଳାଙ୍ଗ ଥିଲେ ମିଳିବ, କେଓ୍ୱାଇସି ମାଧ୍ୟମରେ ରାସନ



ଦୁର୍ନୀତି ରୋକାଯିବ ମାତ୍ର ୮୦ବର୍ଷ ପାର ହୋଇଥିଲେ ମଧ ମିଳୁନି ଭତ୍ତା କିମ୍ବା ଅଶୀ ପ୍ରତିଶତ ବିକଳାଙ୍ଗ ଥିଲେ ମଧ ମିଳୁନି ଭତ୍ତା। ସେହିପରି କେଓ୍ୱାଇସି କରିମଧ ଏବେବି ଚରିଚକିଆ ଯାନଥିବା, ଦୁଇରୁ ଅଧିକ ଛାତଘର ଥିବା ବହୁ ବ୍ୟକ୍ତି ହିନ୍ଦୋଳ ଏନଏସି ରେ ପାଉଛନ୍ତି ରାସନକାର୍ଡ ମାତ୍ର ବହୁତ ଯୋଗ୍ୟ ଗରିବ ହିତାଧିକାରୀ ବଞ୍ଚିତ ହୋଇଛନ୍ତି ଏସବୁ ସରକାରୀ ସୁବିଧାରୁ। ସେହିପରି ଜଣେ ଅସହାୟ ବୃଦ୍ଧା କାନ୍ଦିରି ଦେଇ ଜନ୍ମ ୧୪/୭/୧୯୪୫ବୟସ ଅଶିପାର, ଘର ଓ୍ୱାର୍ଡନଂ ୫ହୋଇଥିଲେ ମଧ ୩୫ବର୍ଷହେଲା ରହୁଛନ୍ତି ଓ୍ୱାର୍ଡନଂ ୧୧ବ୍ରାହ୍ମଣ ସାହିରେ ଏବଂ ପରଘରେ ମୁଲମଜୁରୀ କରି ପେଟପୋଷନ୍ତି ଯେଉଁଠିପାଇଲେ ଶୁଅନ୍ତି, ନାହିଁ ବାସଗୃହଟିଏ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା କାନ୍ଦିରୀ ବିଜେପିର ଦୃଢ଼ ସମର୍ଥକ ଓ ଆଜିଯାଏ ଭୋଟ ଦେଇ ଆସୁଛନ୍ତି ବିଜେପି ରେ ମାତ୍ର ସେ ଏବେ ଚିର ଅବହେଳିତୟ ରାସନ କାର୍ଡରେ ମାତ୍ର ପାଞ୍ଚକେଜି ଚାଉଳ ଓ ହଜାରେ ଟଙ୍କା ଭତ୍ତା ରେ ଜୀବନ ଗୁଜୁରାଣ ମେଣ୍ଟାନ୍ତି ବାରଦୁଆର ଶୁଣ୍ଢୀପିଣ୍ଡା ହୋଇ। ତେବେ ସ୍ଥାନୀୟ ସାଂସଦ, ବିଧାୟିକା, ଏନଏ ସି ଅଧକ୍ଷ, ବ୍ଲକ ଅଧକ୍ଷଙ୍କ ଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ ମାନଙ୍କୁ ବହୁତ ଗୁହାରି କରିଥିଲେ ବି ମିଳିନି ଆଜିଯାଏ ସୁଫଳ। ତେବେ ଏଠାରେ ପ୍ରଶ୍ନ ଉଠେ କଣପାଇଁ ଏବଂ କାହାପାଇଁ ଏ ମାଳ ମାଳ ଯୋଜନା, ଯେଉଁଠି କି ହଜାର ହଜାର କାନ୍ଦିରୀ ଦେଇ ମାନେ ପାଇପାରୁନାହାନ୍ତି କିଛି ସୁବିଧା ଏସବୁ ଯୋଜନା କାନ୍ଦିରୀ ଭଳି ଭୋଟର ମାନଙ୍କପାଇଁ ସାତଶପନ ଓ ପ୍ରହସରେ ପାଲଟିଛିୟତେବେ କାନ୍ଦିରୀ ଙ୍କୁ ତୁରନ୍ତ ଅନ୍ତୋଦୟ ଯୋଜନାରେ ସାମିଲ କରାଯିବା ସହ ବର୍ଦ୍ଧିତ ଭତ୍ତା ଏବଂ ଜାଗା ସହ ବାସଗୃହଟିଏ ରାଜ୍ୟ ସରକାର ଯୋଗାଇଦେବାକୁ ହିନ୍ଦୋଳବାସି ଦାବି କରିଛନ୍ତି।

# ପାରାଦୀପରେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେଲେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ

ପାରାଦୀପ, ( ମହାଭାରତ) : ସ୍ୱାଧୀନତା ଦିବସ ଅବସରରେ ସ୍ୱାଧୀନତା ସେନାନୀ ମାନଙ୍କୁ ସମ୍ମାନିତ ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଗଷ୍ଟ ମାସକୁ କ୍ରାନ୍ତି ମାସ ଭାବେ ସମଗ୍ର ଦେଶରେ ପାଳନ କରି ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଛି । ଏହି ଐତିହାସିକ ସ୍ମୃତିଶିଳା କାର୍ଯ୍ୟକ୍ରମରେ ପାରାଦୀପରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ପାରାଦୀପର ହଜାର ହଜାର ଦେଶପ୍ରେମୀ ଆବାଳ ବୃଦ୍ଧ ବନିତା ପାରାଦ୍ୱୀପ ମହାବିଦ୍ୟାଳ। ଠାରୁ ବାହାରି ବଡ଼ପଡ଼ିଆ ମୂଖ୍ୟ ରାସ୍ତା ଦେଇ ବସଷ୍ଟାଣ୍ଡ ନିକଟସ୍ଥ ନେତାଜୀ ପ୍ରତିମୂର୍ତ୍ତି ନିକଟରେ ସମାପ୍ତ କରାଯାଇଥିଲା । ଏହି ଯାତ୍ରାରେ ପାରାଦୀପର ସମସ୍ତ ବିଦ୍ୟାଳ। ଓ ମହାବିଦ୍ୟାଳୟର ର



ଛାତ୍ରଛାତ୍ରୀ, ପୌରାଞ୍ଚଳର ବିଭିନ୍ନ ଓ୍ୱାର୍ଡରୁ ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ, ସରକାରୀ ଅଧିକାରୀ ଓ କର୍ମଚାରୀ ଯୋଗଦେବା ସହିତ ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସେହି ମହାନ ପୁରୁଷ ଓ ସହୀଦ ମାନଙ୍କ ଜ। ଜ।କାର କରିବା ସହିତ ଭାରତ ମାତା କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ବନ୍ଦରନଗରୀ କ୍ଷ ପାରାଦୀପ ପୌରାଞ୍ଚଳର ୧୯ ଟି ଓ୍ୱାର୍ଡର ସମସ୍ତ ପାରିଷଦମାନଙ୍କ ନେତୃତ୍ୱରେ ଆୟୋଜିତ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସଭାରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପାରାଦୀପରେ ଆୟୋଜିତ ଶୋଭାଯାତ୍ରା ଏକ ଐତିହାସିକ ସଫଳତା ବୋଲି ଅବିହିତ କରି ସମସ୍ତ ପାରାଦୀପ ଅନ୍ତେବାସୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇ। ସହିତ ତ୍ରିରଙ୍ଗା ହେଉଛି ସାହସ, ବୀରତ୍ୱ, ସତ୍ୟ, ଶାନ୍ତି, ଭାତୃତ୍ୱ ଏବଂ ପ୍ରଗତିର ପ୍ରତୀକ। ସମସ୍ତଙ୍କ ମଧ୍ୟରେ ଦେଶପ୍ରେମ ତଥା ଜାତୀୟତାଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରା, ଆମର ସାମୂହିକ ପରିଚ।ର ଏକ ମହାନ ଉତ୍ସବ ଏବଂ ବିକଶିତ ଭାରତ ପାଇଁ ଆମ ପ୍ରତିବଦ୍ଧତାର ଅନନ୍ୟ ନିଦର୍ଶନ କ୍ଷ ବର୍ତ୍ତମାନ ସମ।ରେ ଆତ୍ମନିର୍ଭର ଏବଂ ବିକଶିତ ଭାରତ ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ବାସ୍ତବ ରୂପ ଦେବା ତଥା ବିଶ୍ୱରେ ଭାରତର ପରିଚ।କୁ ଏକ ନମ୍ବର କରିବାକୁ ହେଲେ ସମସ୍ତଙ୍କୁ ଏକତ୍ରିତ ହୋଇ ଜାତି-ଧର୍ମ-ବର୍ଣ୍ଣ-ଉଚ୍ଚ-ନୀଚ ଭେଦଭାବ ନିର୍ବିଶେଷରେ ସମସ୍ତ ଭାରତୀ। ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ, ସେତେବେଳେ ବିଶ୍ୱର କୌଣସି ଶକ୍ତି ଆମକୁ ପ୍ରତିହତ କରିପାରିବ ନାହିଁ କିମ୍ବା ଆମକୁ ବିଶ୍ୱଗୁରୁ ହେବାରୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଥିଲେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବଡ଼ପଡ଼ିଆ ୧୫ ନମ୍ବର ଓ୍ୱାର୍ଡରେ ପୌରପାଳିକାର ଗୋଷ୍ଠୀ ଗୃହ ଓ ପାର୍କିଙ୍ଗ ଜୋନ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ସେହିପରି ବଡ଼ପଡ଼ିଆ ବଣିକସଙ୍ଘ ପରିସରରେ ଏକ ଏଟିଏମ ସେବା କେନ୍ଦ୍ରକୁ ମନ୍ତ୍ରୀ ଉଦଘାଟନ କରିଥିଲେ କ୍ଷ ବଣିକ ସଂଘର ମୂଖ୍ୟ ଉପଦେଷ୍ଟା ପ୍ରକାଶ ତ୍ରିପାଠୀ, ସଭାପତି କ୍ଷୀରୋଦ ସ୍ୱାଇଁ, ସମ୍ପାଦକ ଅମୀ। ପାଣି, କାର୍ଯ୍ୟକାରୀ ସଭାପତି ଗୋଲେଖ ସାହୁ, କୋଷାଧକ୍ଷ ଶମ୍ଭୁନାଥ ଖୁଣ୍ଟିଆ, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର ଓ ଶିଶିର ନା।କଙ୍କ ସମେତ ବହୁ କର୍ମକର୍ତ୍ତା ଓ ବ୍ୟବସା।ୀ ଏହି ଏଟିଏମ ସେବାକେନ୍ଦ୍ର ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବଜରଙ୍ଗ ଦଳର ପ୍ରସ୍ତୁତି ବୈଠକ

ବ୍ୟାସନଗର, (ମହାଭାରତ) : ଯାଜପୁର ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ବସନ୍ତ କୁମାର ପାତ୍ର ଙ୍କ ନେତୃତ୍ୱ ରେ କୁଆଖିଆ ସ୍ଥିତ ମା ଭାଲୁଗୁଣି ମନ୍ଦିର ପ୍ରାଙ୍ଗଣରେ ବଜରଙ୍ଗ ଦଳର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ବଜରଙ୍ଗ ଦଳ ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର ଓ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ରାଜକିଶୋର ମଲ୍ଲିକ। ଉପସ୍ଥିତ ରହି ଆଗକୁ ଅଖଣ୍ଡ ଭାରତ ପୂଜନ ଦିବସ। ଜନ୍ମାଷ୍ଟମୀ. ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ବିଷୟରେ ଅବଗତ କରିଥିଲେ। କିଭଳି ଗାଁ ଗାଁ ରେ ସଂଗଠନ କାଯ୍ୟକୁ ପହଞ୍ଚାଇବାକୁ ମାର୍ଗଦର୍ଶନ କରାଇଥିଲେ। ଅନ୍ୟ ମାନଙ୍କ ମଧ ରେ ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ସାରଦା ପ୍ରସନ୍ନତ୍ତ ବଳ। ଜିଲ୍ଲା ସୁରକ୍ଷା ପ୍ରମୁଖ ସନ୍ତୋଷ ପତି, ଜିଲ୍ଲା ସାପ୍ତାହିକ ମିଳନ କେନ୍ଦ୍ର ପ୍ରମୁଖ ମଧୁସୂଦନ ଗୁଇଁ. ସୁକିନ୍ଦା ପ୍ରଖଣ୍ଡ ବଜରଙ୍ଗ ଦଳ ସଂଯୋଜକ ରବୀନ୍ଦ୍ର ଭଞ୍ଜ। ବ୍ୟାସନଗର ପ୍ରଖଣ୍ଡ ସଂଯୋଜକ



ଶାନ୍ତନୁ ସାହୁ, ଧର୍ମଶାଳା ପ୍ରଖଣ୍ଡ ସଂଯୋଜକ କିଶୋର ସାମଲ, ଯାଜପୁର ସଦର ପ୍ରଖଣ୍ଡ ସଂଯୋଜକ ରାଜେଶ ସାହୁ. ବରୀ ପ୍ରଖଣ୍ଡ ସଂଯୋଜକ ଶ୍ରୀକାନ୍ତ ଦାସ. ଶ୍ରୀରାମ ପୁର ପ୍ରଖଣ୍ଡ ସଂଯୋଜକ ବିଶ୍ୱଜିତ ସାହୁ. ବଡ଼ଚଣା ପ୍ରଖଣ୍ଡ ସଂଯୋଜକ ଅନନ୍ତ ଦାସ, ସୁକିନ୍ଦା ପ୍ରଖଣ୍ଡ ସହ ସଂଯୋଜକ ପ୍ରଶାନ୍ତ ରଣା, କୋରେଇ ପ୍ରଖଣ୍ଡ ସହ ସଂଯୋଜକ ଜିତେନ୍ଦ୍ର ବେହେରା, ଯାଜପୁର ନଗର ପ୍ରଖଣ୍ଡ ସହ ସଂଯୋଜକ ଆଲୋକ ବାରିକ ପ୍ରମୁଖ କାର୍ଯ୍ୟ କର୍ତା ଏହି ମୁଖ୍ୟ ବୈଠକ ରେ ଉପସ୍ଥିତ ରହିବା ସହିତ ଶେଷରେ ଶାନ୍ତି ପାଠ, ଜୟ ଘୋଷ କରି ବୈଠକ ଶେଷ କରାଯାଇଥିଲା।

## କାର ଓ ବାଇକ ମୁହାଁ ମୁହିଁ ଧକ୍କା,ଜଣେ ଆହତ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ଛକ ସନିକଟ ବୁଲାଣି ରେ ସୋମବାର ସକାଳ ୯ ଘଟିକା ସମୟରେ ଏକ ସଡ଼କ ଦୁର୍ଘଟଣା ହୋଇଯାଇଛି। କାର ନଂ ଓ ଡି ୦୨ ବି ଏ ୨୫୧୮ଯୋଗେ ଦଶପଲ୍ଲା ପଟରୁ ଗଣିଆ ଅଭିମୁଖେ ଆସୁଥିବା ବେଳେ ଘୋଳାହାଣ୍ଡି ବୁଲାଣି ରାସ୍ତାରେ ଏକ ଏକ୍ସସେଲ ଲୁନା କୁ ଧକା ଦେଇଥିଲା। ଫଳରେ ବାଇକ ଆରୋହୀ ସାମାନ୍ୟ ଆହତ ହୋଇଥିଲେ । ଆହତ ଙ୍କୁ ସେହି କାର ଯୋଗେ ମଧଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଗଣିଆ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ଆହତ ବ୍ୟକ୍ତି ହେଲେ ବାଘୁଆପସୀ ଗ୍ରାମର ବିଭୀଷଣ ବେହେରା ( ୬୦) ବୋଲି ଜଣାପଡିଛି। ତେବେ କାର ଚାଳକ ନିଜର ବେପରୁଆ ଗାଡି ଚଳାଇବା ଯୋଗୁଁ ଏପରି ହୋଇଛି ବୋଲି ଜଣାପଡିଛି। ମଧଖଣ୍ଡ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଂଚି ଘଟଣାକୁ ଆୟତ୍ତ କରିଥିବା ଜଣାପଡିଛି।

## ଦାନଗଦି ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଦାନଗଦି, (ମହାଭାରତ) : ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଦାନଗଦି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ନୂତନ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ସଞ୍ଚାଳନ କରୁଥିବାବେଳେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ସମାଧାନ ପାଇଁ ଉଦ୍ଦିଷ୍ଟ ସମସ୍ୟା ଗୁଡ଼ିକ ସମାଧାନ ନିମନ୍ତେ ହୋଇଥିଲା। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେୟ ପୂର୍ବରୁ ବାରମ୍ବାର ଅଭିଯୋଗ ହେଉଥିବା କିଛି ଅଭିଯୋଗକୁ ସମାଧାନ କରିବା ପାଇଁ ଏକ ଅଭିଯୋଗ ଆସିଥିଲା। ଯାହାକୁ ନୂତନ ଜିଲ୍ଲାପାଳ ଗୁରୁତ୍ୱପୂର୍ଣ୍ଣ ଭାବି ତୁରନ୍ତ ସମାଧାନ କରିବା ପାଇଁ ଆଦେଶ ଦେଇଥିଲେ। ତେଣୁ ଆଗକୁ ଏହି ବିଷୟରେ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ସ୍ଥାନୀୟ ବ୍ଲକ ପ୍ରଶାସନ ଦେଖିବାକୁ ବାକି ରହିଲା। ଆଜିର ଜନଶୁଣାଣୀ ରେ ମୋଟ ୪୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲାୟ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୯ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ୟଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର, ସପନ କୁମାର ନନ୍ଦ, ମଣ୍ଡଳ ଉତ୍ତୟନ ଅଧିକାରୀ, ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର, ଦାନଗଦି ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଅସରାଏ ବର୍ଷା ରେ ୟୁକୋ ବ୍ୟାଙ୍କ ସମ୍ମୁଖ ମରଣଜନ୍ତା

ଅସ୍ତରଙ୍ଗ, (ମହାଭାରତ) : ଜନସାଧାରଣ ଙ୍କ ଧନ ଜୀବନ ସୁରକ୍ଷା ପାଇଁ ବ୍ୟାଙ୍କ ବ୍ୟବସ୍ଥା ଏକ ସୁଲୋଭ ବ୍ୟବସ୍ଥା ରୂପେ ପରିଚାଳିତ, କାରଣ ଲୋକ ମାନଙ୍କ ଅର୍ଥ, ବିଭିନ୍ନ ଅଳଙ୍କାର ବ୍ୟାଙ୍କ ରେ ସୁରକ୍ଷିତ ରୁହେ,ଛୁଟି ଦିନ ବ୍ୟତୀତ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି ବ୍ୟାଙ୍କ ଗୁଡିକ ଉପରେ ନିର୍ଭର କରନ୍ତି, ଚାଷୀ, ଋଣଗ୍ରସ୍ତ ଲୋକ, ସରକାରୀ ଚାକିରିଆ, ପେନସନ ଉପଭୋକ୍ତା,ପରିଣତ ବୟସ୍କ, ଭିନ୍ନକ୍ଷମ, ମହିଳା ଏହିପରି ଅନେକ ବର୍ଗ ରେ ଲୋକ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି। ମାତ୍ର ଦୁଃଖ ରେ କଥା ଅସରାଏ ବର୍ଷା ହେଲେ ୟୁକୋ ବ୍ୟାଙ୍କ ସମ୍ମୁଖ ସାଜିଛି ମରଣଜନ୍ତା। ଏଭଳି କାଦୁଅ ହେଉଛି ଅନେକ ସାଧାରଣ ଲୋକ ବ୍ୟାଙ୍କ ପରିସରରେ ପ୍ରବେଶ କରିବାକୁ ଭୟ କରୁଛନ୍ତି। ଯେଉଁଠି ପରିଣତ ବାର୍ଦ୍ଧକ୍ୟ ବ୍ୟକ୍ତି ଓ



ଭିନ୍ନକ୍ଷମଙ୍କ କଥା କହିଲେ ନସରେ। ପାର୍କିଂ କରାଇଲେ ଗାଡି ଚକା ଖସୁଛି। ସୂଚନା ମୁତାବକ ପ୍ରାଇଭେଟ ଘର କୁ ଭଡା ରେ ଆଣି ଏଠି ବ୍ୟାଙ୍କ ଚାଲିଛି ମାତ୍ର ଏହି ବ୍ୟାଙ୍କ ସମ୍ମୁଖରେ ଏହିଭଳି ଅବସ୍ଥା ରେ ପରିବର୍ତ୍ତନ କିଏ ଆଣିବ। ୟୁକୋ ବ୍ୟାଙ୍କ ର ମୁଖ୍ୟ ଶାଖା ନା ଆଉ ଅନ୍ୟ କିଏ ଯାହାକୁ ନେଇ କିଛି ଗ୍ରାହକ ମତବାଦ ଉଠାଇଛନ୍ତି। ଏହି ପ୍ରସଙ୍ଗ ରେ ଆମେ ଅସ୍ତରଙ୍ଗ ଶାଖା ମ୍ୟାନେଜର ଙ୍କ ମତାମତ ଆଣିବାକୁ ପ୍ରଚେଷ୍ଟା କରିଥିଲୁ ମାତ୍ର ମ୍ୟାନେଜର ବଦଳୀ ହୋଇଯାଇଛନ୍ତି, ବର୍ତ୍ତମାନ ବିନା ମ୍ୟାନେଜର ରେ ଲୋକ ଙ୍କ କାମ ଚାଲୁଛି, ତେଣୁକରି ଏହି ପ୍ରସଙ୍ଗ କୁ ୟୁକୋ ବ୍ୟାଙ୍କ ଗୁରୁତ୍ୱର ସହ ନେଇ ସାମ୍ନା ପାର୍କିଂ ଓ ଗ୍ରାହକ ଙ୍କ ଚଲାପଥ ର ଅବସ୍ଥା ରେ ସୁଧାର ଆଣିପାରିଲେ ଗ୍ରାହକ ମାନେ ଖୁସି ହୋଇପାରିବେ ବୋଲି ଆଶା କରାଯାଉଛି ।

## ସ୍ନେହର ଅତୁଟ ବନ୍ଧନରେ ବାନ୍ଧିହେଲେ ସଫେଇ କର୍ମଚାରୀ

ଦଶପଲ୍ଲା, (ମହାଭାରତ): ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଦଶପଲ୍ଲାରେ ଗାଁଠାରୁ ସହର ସର୍ବତ୍ର ଉତ୍ସାହର ସହିତ ପାଳିତ ହୋଇ ଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍ଏସ୍) ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହିତ ଏନ ଏ ସି କାର୍ଯ୍ୟାଳୟ ଠାରେ ସଫେଇ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ସେହିଭଳି ଜ୍ଞାନାର୍ଥ ପବ୍ଲିକ୍ ସ୍କୁଲର କୁନି କୁନି ପିଲାମାନେ ଦଶପଲ୍ଲା ଥାନା ଓ ଅଗ୍ନିଶମ କାର୍ଯାଳୟରେ ପହଞ୍ଚି ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

# ଅବ୍ୟବସ୍ଥାରେ ଗୋଛାପଡ଼ା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ, ଛାତରୁ ଖସୁଛି ସିମେଣ୍ଟ କଂକ୍ରିଟ, କ୍ୟା ସାରା ଓଦାରେ ବିଦ୍ୟୁତ ଚାର୍ଜ

କନ୍ଧମାଳ, (ମହାଭାରତ) : ସରକାରଙ୍କ ତରଫରୁ ବର୍ତମାନ ଆୟୁର୍ବେଦିକ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ତାହା ବର୍ତମାନ କୋମାରେ ଥିବା ଭଳି ଦେଖିବାକୁ ମିଳିଛି । କେଉଁଠି ଭଙ୍ଗା ଘରେ ଆୟୁର୍ବେଦିକ ଚିକିତ୍ସା ଚାଲିଛି ତ, କେଉଁଠି ଡାକ୍ତର ଥିଲେ ମଧ ଠିକ ଭାବରେ ଚିକିତ୍ସାଳୟ ଖୋଲୁ ନଥିବାରୁ ଆୟୁର୍ବେଦିକ ଚିକିତ୍ସା ବର୍ତମାନ ଅବ୍ୟବସ୍ଥା ଦେଇ ଗତି କରୁଛି । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛା ପଡ଼ା ଠାରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, (ଆୟୁଷ )ରେ ବର୍ତମାନ ଜଣେ ଡାକ୍ତରଙ୍କ ସହ ୩ ଜଣ କର୍ମଚାରୀ ଅଛନ୍ତିୟ ପ୍ରତିଦିନ ଚିକିତ୍ସା ଯୋଗାଇବା ସହ ଲୋକଙ୍କୁ



ଉପଯୁକ୍ତ ଚିକିତ୍ସା ମଧ ଦେଉଛନ୍ତି କିନ୍ତୁ ଦୀର୍ଘ ବର୍ଷର ବିପଦ ସଂକୂଳ କୋଠା ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ବର୍ଷାରେ ଛାତରୁ ପାଣି ଗଳୁଛି । ଛାତ ମଧ ଦବି ଯାଇଥିବା ବେଳେ ଛାତ ସିଲିଂରୁ ଖଣ୍ଡ ଖଣ୍ଡ ହୋଇ କଂକ୍ରିଟ ଖଣ୍ଡ ପଡୁଥିବା ବେଳେ ଭିତରେ ଥିବା ବିଭିଉ କାଗଜ ପତ୍ର ସହ ବହୁ ଜିନିଷ ନଷ୍ଟ ହେଉଛି । ଏମିତି କି କଂକ୍ରିଟ ଖଣ୍ଡ ପଡ଼ି କାହାର ଜୀବନ ଚାଲିଯିବ ତାହା ମଧ କହିହେବ ନାହିଁ । ଛାତର ପୁରୁଣା ରଡ଼ ମଧ ତଳକୁ ଝୁଲି ରହିଛି। ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସଂଯୋଗ ହୋଇଥିବା ବିଦ୍ୟୁତ ଅଧିକାଂଶ ସମୟ କ୍ୟା ସାରା ଚାର୍ଜ ହୋଇ ରହୁଥିବା ବେଳେ କର୍ମଚାରୀଙ୍କ ସହ ରୋଗୀ ମାନଙ୍କ ଜୀବନ କେତେବେଳେ ହାନି ଘଟିବ ତାହା ମଧ କହିହେବ ନାହିଁ ବୋଲି କହିଛନ୍ତି ଚିକିତ୍ସା ପାଇଁ ଆସିଥିବା କିଛି ରୋଗୀଙ୍କ ସମ୍ପର୍କୀୟ । ତୁରନ୍ତ ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ନୂତନ କୋଠା ନିର୍ମାଣ କରାନଗଲେ ଆଗାମୀ ଦିନରେ ଆୟୁର୍ବେଦିକ ଚିକିତ୍ସା ଉପରେ ରୋଗୀ ଏବଂ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟି ଯିବା ସହ ଲୋକଙ୍କ ଆୟୁର୍ବେଦିକ ଚିକିତ୍ସା ସ୍ୱପ୍ନ ହୋଇ ରହିବ ବୋଲି କହିଛନ୍ତି ଅଞ୍ଚଳର ବରିଷ୍ଠ ଓ ବୁଦ୍ଧିଜୀବୀ । ଅନ୍ୟପଟେ ତୁରନ୍ତ ଏହି ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ନୂତନ କୋଠା ନିର୍ମାଣ ପାଇଁ ଅଞ୍ଚଳ ବାସୀଙ୍କ ତରଫରୁ ଦାବି ହେଉଛି ।

## ମହିଳାଙ୍କୁ ଗଳାକାଟି ହତ୍ୟା

ଭାପୁର, (ମହାଭାରତ) : ବିଧବା ମହିଳାଙ୍କ ଅନୈତିକ ସମ୍ପର୍କ କୁ ନେଇ ଗଳାକାଟି ହତ୍ୟା। ଏଭଳି ହତ୍ୟାକାଣ୍ଡ ନୟାଗଡ ଜିଲ୍ଲା ଫତେଗଡ଼ ଥାନା ଭାପୁର ଗାଁରେ ହୋଇଛି। ଗତ ଦୁଇ ବର୍ଷ ଧରି ଜୟନ୍ତୀ ବେହେରା ନାମକ ମହିଳା ଭାପୁର ଅଞ୍ଚଳରେ ରହି ଆସୁଥିଲେ। ଜୟନ୍ତୀ ଙ୍କ ସ୍ୱାମୀ ମିଟୁ ବେହେରା ମୃତ୍ୟୁ ବରଣ ପରେ ଝିଅ ଓ ପୁଅ ଙ୍କ ସହିତ ଭାପୁରରେ ଘର ଭଡା ନେଇ ରହୁଥିଲେ ଜୟନ୍ତୀ। ଗତକାଲି ସ୍ୱାମୀ ମିଟୁଙ୍କ ଶ୍ରାଦ୍ଧ ଥିଲାୟ ବୈଦେଶ୍ୱର ଗ୍ରାମର ଦୁଇ ଜଣ ପୁରୁଷ ବନ୍ଧୁ ଙ୍କ ସହତ ଜୟନ୍ତୀ ଙ୍କ ଅନୈତିକ ପ୍ରେମ ସମ୍ପର୍କ ଥିଲା। ଗତକାଲି ଦୁଇ ପୁରୁଷ ବନ୍ଧୁ ଜୟନ୍ତୀଙ୍କ ଘରକୁ ଆସି ଜୟନ୍ତୀଙ୍କ ସହିତ ଅନୈତିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। କିନ୍ତୁ ସ୍ୱାମୀ ଙ୍କ ଶ୍ରାଦ୍ଧ ଥିବାରୁ ମନା କରିଦେଇଥିଲେ ଜୟନ୍ତୀ। ଏଥି ସହ ଉଭୟ ଯୁବକଙ୍କ ସହ ଜୟନ୍ତୀ ବଚସା ହୋଇଥିଲା। ଦୁଇ ପୁଅ ଓ ଝିଅଙ୍କ ଆଗରେ ଜୟନ୍ତୀ ଙ୍କ ଗଳା କାଟି ହତ୍ୟା କରିଥିଲେ ଦୁଇ ପୁରୁଷ ବନ୍ଧୁୟ ରାତିରେ ହତ୍ୟାକରି ଅଭିଯୁକ୍ତ ଦୁଇ ଫେରାର ପରେ ଦୁଇ ଶିଶୁ ପଡୋଶୀ ଙ୍କୁ ଡାକି ହତ୍ୟାକାଣ୍ଡ ବିଷୟରେ କହିଥିଲେ।

## ଦେବଗଡ଼ ବିଧାୟକଙ୍କ ଦ୍ୱାରା ରାଜ ରାସ୍ତାରୁ ଦୁଇ ଶିଶୁ କନ୍ୟା ଉଦ୍ଧାର



ଦେବଗଡ଼(ମହାଭାରତ): ସୋମ ବାର ଦିନ ନିଜ ଗାଡି ଯୋଗେ ଦେବଗଡ ଗସ୍ତ କରୁଥିବା ବେଳେ ଦେବଗଡ ବିଧାୟକ ରୋମା□ ରଞ୍ଜନ ବିଶ୍ୱାଳ ୧୦ ବର୍ଷ ଓ ୭ ବର୍ଷର ଦୁଇ ଜଣ ନାବାଳିକା ଅସହାୟ ଅବସ୍ଥାରେ ଜାତୀୟ ରାଜପଥରେ ବ୍ୟାଗ ଖଣ୍ଡେ ବୋହି ଏକାକୀ ଚାଲି ଚାଲି ଯାଉଥିବା ଦେଖି ଗାଡି ଅଟକେଇ ଥିଲେ ଓ ଦୁଇ ନାବାଳିକା ସହ କଥା ହୋଇ ଜାଣିବାକୁ ପାଇଥିଲେ ଯେ ମଦ୍ୟପ ବାପା ଓ ମା ଦ୍ୱାରା ନୀତି ମାଡ ଗାଳିର ଶିକାର ହୋଇ ଉତୁଣିଆମୁଣ୍ଡଓରୁ ଘର ଛାଡି ୧୫ କିଲୋମିଟର ଅତିକ୍ରମ କରି ଜାତୀୟ ରାଜପଥରେ ବଣେଇ ଅଭିମୁଖେ ମାମୁ ଘରକୁ ଏକା ଚାଲି ଚାଲି ଯାଉଥିଲେ । ସାନ ଭଉଣୀର ଗୋଡ ବିନ୍ଧା ହେବାରୁ ୧୦ ବର୍ଷ ବୟସ୍କ ବଡ ଭଉଣୀ ନିଜେ ଏକ ବ୍ୟାଗ ଓ ସାନା ଭଉଣୀଙ୍କୁ ବୋହି ଜାତୀୟ ରାଜପଥରେ କଷ୍ଟରେ ଚାଲି ଚାଲି ଯାଉଥିବା ବିଧାୟକଙ୍କୁ ଆଚମ୍ଭିତ କରିଥିଲା । ପିଲା ଦୁହେଁ ଏତେ ଡରିକି ଥିଲେ ଯେ ବାପାମା ନା କି ଘର ଠିକଣା ବି କହିବାକୁ ନାରାଜ ଥିଲେ। ତେବେ ବିଧାୟକ ଶ୍ରୀ ବିଶ୍ୱାଳ ସାଙ୍ଗରେ ଉପସ୍ଥିତ ଥିବା ପ୍ରତାପ ଦେବ , କୁମାର ସ୍ୱସ୍ତିକ ମହାପାତ୍ର , ସମାଜସେବୀ ହିରଲାଲ ସାହୁ , ଲିଙ୍କନ ସାହୁ , ଲକ୍ଷ୍ମୀନ୍ଦ୍ର ଭୋଇ ଓ କାଉନସିବାହାଲ ସରପଞ୍ଚ ଦୀପକ ନାୟକଙ୍କ ସହ ତୁରନ୍ତ ନିଜ ଗାଡିରେ ପିଲା ଦୁହିଙ୍କୁ ନେଇ କାଉନସିବାହାଲ ସ୍ଥିତ ନାୟକ ଢାବାରେ ପାହୁଞ୍ଚିଥିଲେ ଓ ପିଲାଙ୍କ ପାଇଁ ଖାଇବା ବରାଦ କରିଥିଲେ । ବଓରକୋଟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାନୀ ରେ ଉପସ୍ଥିତ ଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଫୋନ ଯୋଗେ ସୂଚନା ଦେଇ ଥିଲେ । ସୂଚନା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁଙ୍କ ସହ ନାୟକ ଢାବାରେ ପହଞ୍ଚି ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରି ତଦନ୍ତ ପାଇଁ ଚାଇଲ୍ଡ ହେଲ୍ପ ଲାଇନ କର୍ମ କର୍ତାଙ୍କୁ ନିର୍ଦ୍ଦେଶ ଦେଇ ଥିଲେ ଓ ଚାଇଲ୍ଡ ହେଲ୍ପ ଲାଇନ କର୍ମ କର୍ତା ନାବାଳିକା ଦ୍ୱୟଙ୍କୁ ଶିଶୁ ମଙ୍ଗଳ କମିଟି ପାଖରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥାପିତ କରିଥିଲେ।

## ମା ଭଗବତୀଙ୍କ ପୀଠରେ ଶ୍ରାବଣୀ ଉତ୍ସବ

ବାଣପୁର : ( ମହାଭାରତ )ଖୋର୍ଦ୍ଧା ଜିଲ୍ଲାର ପ୍ରଧାନ ଶକ୍ତିପୀଠ ବାଣପୁରର ଆରାଧ୍ୟା ଦେବୀ ମା ଭଗବତୀଙ୍କ ପୀଠରେ ଶ୍ରାବଣ ପୂର୍ଣ୍ଣିମାର ମଧରାତ୍ରରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ଗହ୍ମା ଡିଆଁପର୍ବ ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଉତ୍କଳର ସର୍ବତ୍ର ବୈଷ୍ଣବ କ୍ଷେତ୍ର, ମଠ, ମନ୍ଦିରମାନଙ୍କରେ ଭଗବାନ ବଳଭଦ୍ରଙ୍କ ଜନ୍ମୋତ୍ସବ ଭାବରେ ଏହି ପର୍ବ ପାଳିତ ହେଉଥିବା ବେଳେ କେବଳ ଏକମାତ୍ର ଶକ୍ତି ପୀଠ ବାଣପୁରରେ ଏହି ପର୍ବ ପାଳିତ ହେବାର ଅନନ୍ୟ ପରମ୍ପରା କାହିଁ କେଉଁ ପ୍ରାଚୀନ କାଳରୁ ଚଳି ଆସିଛି। ନୀତି ଅନୁସାରେ ପ୍ରାତଃକାଳରେ ରେ ମା'ଙ୍କ ଅଙ୍ଗରାଗ (ମାଜଣା) ବେଶ, ମହାପ୍ରସାଦ ଅର୍ପଣ, ବଲ୍ଲଭ ଆଳତି, ଯଜମାନ ନୈବେଦ୍ୟ ଲାଗି, ମଧାହ୍ନରେ (ଡାଲି ଖେଚୁଡ଼ି) ଶଙ୍କୁଡି ଧୂପ ହୋଇ, ପୁଣି ଆମିଷରେ ପ୍ରସ୍ତୁତ ଶଙ୍କୁଡି ପୂଜା ପରେ ଦିବା ପହୁଡ଼, ସଂଧ୍ୟାରେ ନିଶଙ୍କୁଡି ଖଜା ଖେଇ, ସରପୁଳି, ମାଠପୁଳି ଧୂପ ହୋଇ ଆଳତି ବଢିବା ପରେ ରାତ୍ର ବଡସିଂହାର ଧୂପ ପରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ, ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଦେବ, ଶ୍ରୀଗୋପୀନାଥ ଦେବଙ୍କ ସହିତ ଥାଟ ପଟୁଆର , ଘ□କାହାଳୀ, ବାଜା ରୋଷଣୀ, ଛତ୍ର ତରାଶରେ ମନ୍ଦିରରୁ ବାହାରି ପୂର୍ବ ଦିଗର ବିଷରପାଟଣା ଛକ ଠାରେ ଦେଉଳ ମାହାର ସେବକଙ୍କ ସହଯୋଗରେ ପଲେଇ ସେବକଙ୍କ ଦ୍ୱାରା ବାଲିରେ ପ୍ରସ୍ତୁତ ଗହ୍ମାବେଦୀ ଉପରେ ଆଚ୍ଛାଦିତ ପାଟବସ୍ତ୍ରେ ଆସନରେ ଠାକୁର ଠାକୁରାଣୀଙ୍କୁ ଉପବେସନ କରାଇଥିଲେ।

## ଗଞ୍ଜାମ ଜିଲ୍ଲାପାଳ ଓ ଅରକ୍ଷୀ ଅଧିକାରୀଙ୍କ ମିଳିତ ଜନ ଶୁଣାଣି



ଆସିକା(ମହାଭାରତ): ଆସିକା ପଞ୍ଚାୟତ ସମିତି ସଭା ଗୃହ ରେ ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲାପାଳ କୀର୍ତିଭାସନ ଭି. ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ଦାସ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ପ୍ରମୁଖ ଉପସ୍ଥିତ ରହି ୨୦୫ ରୁ ଉର୍ଦ୍ଧ ଅଭିଯୋଗ ଶୁଣାଣି କରିଥିଲେ । ଏହି ଜିଲ୍ଲା ସ୍ତରୀୟ ସମ୍ମିଳନୀ ରେ ୩୧ ଗୋଟି ରାସନ କାର୍ଡ, ୦୮ ଜଣ ସୁଭଦ୍ରା,୦୭ ଜଣ ଟ୍ରାଇ ସାଇକେଲ,ପେନସନ ୩୭ ଜଣ ଆବେଦନ ସମେତ ସାମାଜିକ ସୁରକ୍ଷା ର ବିଧବା ଭତ୍ତା, ୮୦ ବର୍ଷରୁ ଉର୍ଦ୍ଧ ଦିବ୍ୟାଙ୍ଗ ଏବଂ ବୟସ୍କ ମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳିବା, ରାସନ କାର୍ଡ, ଉପରେ ଶୁଣାଣି କରି ଜିଲ୍ଲାପାଳ ୦୪ ଜଣ ଙ୍କୁ ଟ୍ରାଇ ସାଇକେଲ, ୦୧ ଜଣଙ୍କୁ ହୁଇଲ ଚୈର, ୦୧ ଜଣ ଙ୍କୁ ବ୍ୟଟେରୀ ସାଇକେଲ, ପ୍ରଦାନ କରାଯାଇଥିଲା । ସେହିଭଳି ରେଡ଼କ୍ରସ ପାଣ୍ଠିରୁ ଦୁଇ ଜଣଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆଜି ଏହି ଶୁଣାଣି ବେଳେ ଆସିକା ବାର ପକ୍ଷରୁ ତାଲୁକା ଛକରେ ନୂତନ କୋର୍ଟ କରିବା, ଆସିକା ସାମ୍ବାଦିକ ସଙ୍ଘ ପକ୍ଷରୁ ଆସିକା କୁ ଶୀଘ୍ର ପଟା ପ୍ରଦାନ, ଢଉଗାଁ - ଚିତ୍ତୁର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ର ଗୁଣ ଭତ୍ତା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ର ମରାମତି, ପଂଚାୟତ ପ୍ରତିନିଧି ମାନଙ୍କ ଦ୍ୱାରା ବ୍ଲକ ର ଉନ୍ନୟନ ମୂଳକ କାର୍ଯ୍ୟ ର ବିଲ ପୈଠ ଶୀଘ୍ର କରିବା,ପ୍ରକଳ୍ପ ଗୁଡିକ ର ସମ୍ପୂର୍ଣକରଣ, ସାନଖୋଲି ଗ୍ରାମକୁ ମୋ ବସ ସେବାରେ ସାମିଲ କରିବା, ପ୍ରଧାନମନ୍ତ୍ରୀ ଅନ୍ତଉଦୟ ଆବାସ ଗୃହ ରେ ସଠିକ ଲୋକଙ୍କୁ ପ୍ରଦାନ, ଚାରି ମାଇଲ ଠାରୁ ବାଦଗଡ଼ ରାସ୍ତା ର ଉନ୍ନତି କରଣ,ପାଣ୍ଡିଆପଥର ପଂଚାୟତ ର କେତେକ ଗ୍ରାମକୁ ପଟା ପ୍ରଦାନ,ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏୟସନ ପକ୍ଷରୁ ଆସିକା ରେ ଓଡିଶା ରାଜ୍ୟ ପରିବହନ କାର୍ଯ୍ୟଳୟ ଖୋଲିବା, ଉତ୍କଳ ଆୟୁର୍ବେଦିକ ଖୋଲିବା, ଜାତୀୟ ଓ ରାଜ୍ୟ ରାଜପଥ କାର୍ଯ୍ୟଳୟ ଖୋଲିବା, ପ୍ରେସ କ୍ଲବ କୁ ଘର ପ୍ରଦାନ,ପୂର୍ବତନ ବ୍ଲକ ଉପାଧକ୍ଷ ପକ୍ଷରୁ ଭେଟନଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଫାର୍ମାସିଷ୍ଟ ଓ କର୍ମଚାରୀ ନିଯୁକ୍ତି, ଔଷଧ ପ୍ରଦାନ ର ଅଭିଯୋଗ ସମେତ ଅନେକ ଶିକ୍ଷା, ସ୍ୱାସ୍ଥ୍ୟ ଭିତିଭୂମି, ଜୀବନ ଜୀବିକା,ରାଜସ୍ୱ ଓ ସାମାଜିକ ସୁରକ୍ଷା ଉପରେ ଅଭିଯୋଗ କୁ ଶୁଣାଣି କରିଥିଲେ।

## ଜିଲ୍ଲାରେ ଭୁଶୁଡୁଛି ଶିକ୍ଷା ବ୍ୟବସ୍ଥା :

# ଜଣେ ଶିକ୍ଷକରେ ଚାଲିଛି ୬୦ ପ୍ରାଥମିକ ବିଦ୍ୟାଳୟ

ନୟାଗଡ଼, ( ମହାଭାରତ ) : ଖାଲି ସ୍କୁଲର ପାରିପାର୍ଶିକ ସ୍ଥିତିକୁ ସଜାଡ଼ି ଦେଲେ ହେବନା ସ୍କୁଲର ଭିତ୍ତଭୂମି ଧୀରେ ଧୀରେ ଭୁଶୁଡ଼ିବାକୁ ଲାଗିଲାଣି। ବିଶେଷ କରି ଶିକ୍ଷକଙ୍କ ଅଭାବ ଯୋଗୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବେ ସାଂଘାତିକ ଭାବେ ପ୍ରଭାବିତ ହେଉଛି। ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକ ମାନଙ୍କ ଅଭାବକୁ ନେଇ ଦୀର୍ଘ ଦିନ ଧରି ଅଭିଯୋଗ ହୋଇଆସୁଛି। କେବଳ ସେତିକି ନୁହେଁ, ଶିକ୍ଷକ ମାନେ ଅବସର ନେଇଯିବା ପରେ ସେମାନଙ୍କ ସ୍ଥାନ ପୂରଣ ଦିଗରେ ପଦକ୍ଷେପ ନିଆଯାଉନାହିଁ। ଫଳରେ ଜଣେ ଶିକ୍ଷକ ଥିବା ସ୍କୁଲ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏ ନେଇ ଗତ ଜିଲ୍ଲା ପରିଷଦ ବୈଠକରେ ଉଦ୍ବେଗ ପ୍ରକାଶ ପାଇଥିଲା। ଶିକ୍ଷକ ନିଯୁକ୍ତି ନେଇ ସରକାରଙ୍କୁ ଚିଠି କରାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚି□ରଞ୍ଜନ ପାଣ୍ଡେ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ମୁତାବକ, ମୋଟ୍ ୧୪୩ ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ମାତ୍ର ୫୮ଟି ରେ ପ୍ରଧାନ ଶିକ୍ଷକ ରହିଛନ୍ତି। ବାକି ୮୫ଟି ସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ସ୍କୁଲର ବରିଷ୍ଠ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ସେହିପରି ୩୦ଟି ସ୍କୁଲରେ ଟିଜିଟି (ପିସିଏମ୍) ଶିକ୍ଷକ ନଥିବା ବେଳେ ୨୮ଟି ସ୍କୁଲରେ ଟିଜିଟି (ସିବିଜେଡ୍), ୧୩ଟି ସ୍କୁଲରେ ଟିଜିଟି (ଆର୍ଟ), ୫୧ଟି ସ୍କୁଲରେ ହିନ୍ଦୀ ଶିକ୍ଷକ, ୨୫ଟି ସ୍କୁଲରେ କ୍ଲାସିକାଲ ଶିକ୍ଷକ, ୩୨ଟି ସ୍କୁଲରେ ପିଇଟି, ୧୮ଟି ସ୍କୁଲରେ କନିଷ୍ଠ ଶିକ୍ଷକ ନଥିବା ବେଳେ ୨୯୦ଟି ପିଅନ ପଦବି ଖାଲି ପଡ଼ିଛି। ସରକାରୀ ସ୍କୁଲରେ ମୋଟ୍ ୧୯୩୮ ଜଣଙ୍କର ଆବଶ୍ୟକତା ରହିଥିବା ବେଳେ ୧୩୯୭ ଜଣ ଏବେ ରହିଛନ୍ତି। ଅର୍ଥାତ ୫୫୧ଟି ପଦବି ଖାଲି ପଡ଼ିଛି। ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡ଼ିକ ପରି ବ୍ଲକ୍ ଗ୍ରାଣ୍ଟସ୍କୁଲ ଗୁଡ଼ିକର ମଧ ସମାନ ଅବସ୍ଥା। ଜିଲ୍ଲାରେ ଥିବା ୬୭ଟି ବ୍ଲକ୍ ଗ୍ରାଣ୍ଟ୍ ସ୍କୁଲ ପାଇଁ ପ୍ରଧାନ ଶିକ୍ଷକ ଙ୍କ ଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ମୋଟ୍ ୮୦୪ ଜଣଙ୍କର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୬୬୯ ଜଣ ରହିଥିବା ବେଳେ ୧୩୬ଟି ପଦବି ଖାଲି ପଡ଼ିଛି। ସେହିପରି ପ୍ରାଥମିକ ସ୍କୁଲ ଗୁଡ଼ିକର ମଧ ସମାନ ଅବସ୍ଥା ସରକାରୀ ନିୟମ ମୁତାବକ, ଏହି ସ୍କୁଲ ଗୁଡ଼ିକରେ ଦୁଇରୁ ଅଧିକ ଶିକ୍ଷକ ରହିବେ ମାତ୍ର ଜିଲ୍ଲାରେ ଜଣେ ଶିକ୍ଷକରେ ଚାଲିଛି ୬୦ ପ୍ରାଥମିକ ସ୍କୁଲ। ଦୁଇ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଅବସର ଗ୍ରହଣ କରିବା ପରେ ଏମିତି ସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣ୍ଡେଙ୍କ ସୂଚନା ମୁତାବକ, ଦୁଇ ମାସରେ ପ୍ରାୟ ୬୦ ଜଣ ଶିକ୍ଷକ ଅବସର ନେଇସାରିଲେଣି।ଏଣୁ ସେମାନଙ୍କ ସ୍ଥାନ ପୂରଣ କରିବା ପାଇଁ ତୁରନ୍ତ ସମ୍ପୃକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ନିକଟତମ ସ୍କୁଲରୁ ଯେଉଁଠାରେ ଅଧିକ ଶିକ୍ଷକ ରହିଛନ୍ତି, ସେମାନଙ୍କୁ ସେଠାରେ ନିଯୁକ୍ତି ଦେଇ କାମ ଚଳାଉଛନ୍ତି।




## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବାଲିଚନ୍ଦ୍ରପୁର ଥାନା ଘେରିଲା କଂଗ୍ରେସ

ବାଲିଚନ୍ଦ୍ରପୁର,(ମହାଭାରତ) ବାଲିଚନ୍ଦ୍ରପୁର ଥାନା ଅ□ଳରେ ଦିନକୁ ଦିନ ଚୋରି, ଡ଼କାୟତି, ରାହାଜାନି, ଲଘୁ ଖଣିଜ ପଦାର୍ଥ ଲୁଟ, ଗାଁ ମାନଙ୍କରେ ଚୋରା ମଦ ଓ ବ୍ରାଉଁସୁଗାର କାରବାର, ବାଲିଚନ୍ଦ୍ରପୁର ବଜାରର ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ସର୍ବପରି ଥାନାକୁ ଆସୁଥିବା ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ଏବଂ ନିକଟରେ ଜଣେ ଦଳିତ ଯୁବକକୁ ନିର୍ଯାତନା, ଶାସକଦଳ ଇଂଗିତରେ ହୋଇଥିବା ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇ ଆଜି ବାଲିଚନ୍ଦ୍ରପୁର ଥାନା ଘେରାଉ କରିଥିଲା ବଡ଼ଚଣା ବ୍ଲକ କଂଗ୍ରେସ କମିଟି। ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନମାନ ଦେଇ ଥାନା ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଥାନା ଘେରିବା ସହ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ଶୋଭା କରାଯାଇଥିଲା। ପୋଲିସର କାର୍ଯ୍ୟଶୈଳିକୁ କଂଗ୍ରେସ ନେତୃମଣ୍ଡଳୀ ତୀବ୍ର ସମାଲୋଚନା କରିବା ସହ ଆଗାମୀ ଦିନରେ ଯଦି ବାଲିଚନ୍ଦ୍ରପୁର ପୋଲିସ ଉପରୋକ୍ତ ବିଷୟ ପ୍ରତି ଯତ୍ନବାନ ନହୁଏ ତେବେ କଂଗ୍ରେସ ଦଳ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବକଂଗ୍ରେସ ନେତା ସନ୍ତୋଷ କୁମାର ବଳ, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଦେବେନ୍ଦ୍ର କୁମାର ସାମଲ, ଅଜୟ ଜେନା, ସେକ୍ ରିଆସତ ଅଲ୍ଲି, କରୁଣାକର ରଣା, ରମେଶ ଚନ୍ଦ୍ର ଗଡ଼ନାୟକ, ପ୍ରାକ୍ତନ ସମିତି ସଭ୍ୟ ସେକ୍ ଅବଦୁଲ ମଜିଦ୍, ବଟକୃଷ୍ଣ ଦାସ, ଖଗେଶ୍ୱର ବେହେରା, କାର୍ତ୍ତିକ ଚନ୍ଦ୍ର ନାୟକ, ଶ୍ରୀକାନ୍ତ କୁମାର ମଲ୍ଲିକ, ସଂଜୟ କୁମାର କର, ସନ୍ତୋଷ କୁମାର ପରିଡ଼ା, ଚାନ୍ଦ ଖାଁ, ସୁଧୀର କୁମାର ଦାସ, ସୁବାଷ ଚନ୍ଦ୍ର ପରିଡ଼ା, ବାମଦେବ ସାମଲ, ସରୋଜ କୁମାର ଜେନା, ଶାନ୍ତନୁ ଜେନା, ସତ୍ୟାନନ୍ଦ ତରାଇ, ଆଶିଷ କୁମାର ଧଳ, ମାଧବ ମଲ୍ଲିକ, ମହେଶ୍ୱର ମହାପାତ୍ର, ଅଶୋକ କୁମାର ବେହେରା, ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ବାଲିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।




## ଗାଁ ମଝିରେ ଜଣେ ବ୍ୟକ୍ତିଙ୍କୁ ବିଭତ୍ସ ହତ୍ୟା

ହିଞ୍ଜିଳିକାଟୁ (ମହାଭାରତ )- ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗ୍ରାମର ବୈଷ୍ଣବ ତୋଟା ସାହି ରେ ଜଣେ ବ୍ୟକ୍ତିଙ୍କୁ ଗାଁ ମଝି ଦାଣ୍ଡରେ ହତ୍ୟା କରାଯାଇଛି ।ହତ୍ୟା କାଣ୍ଡରେ ମୃତ ବ୍ୟକ୍ତି ଜଣଙ୍କ ହେଲେ ୫୫ ବର୍ଷୀୟ ହରି ପଟ୍ଟନାୟକ । ସୂଚନା ଅନୁସାରେ ରାଳବ ଗ୍ରାମର କୋଠ ଘରକୁ ହରି ପଟ୍ଟନାୟକ ଙ୍କ ଭିଉକ୍ଷମ ପୁଅ ସାଗର ପଟ୍ଟନାୟକ ଶୋଇବାକୁ ଯାଇଥିଲେ। ସେଠାରେ ଅରୁଣ ଦଳାଇ ନାମକ ଜଣେ ନିଶାଶକ୍ତ ଯୁବକ ଭିଉକ୍ଷମ ପୁଅ ସାଗର କୁ ଗାଳି ଗୁଲଜ ସହ ମାରପିଟ କରିଥିଲେ । ଘଟଣା ବିଷୟରେ ଭିନ୍ନକ୍ଷମ ସାଗର ର ବାପା ହରି ପଟ୍ଟନାୟକଙ୍କୁ ଜଣାଇ ଥିଲେ । ଏ ନେଇ ହରି ପଟ୍ଟନାୟକ ଅରୁଣ ଦଳାଇକୁ ପଚାରିବା ସମୟରେ ନିଶାଶକ୍ତ ଅରୁଣ ଏକ ଛୁରୀ ସାହାଯ୍ୟରେ ହରିଙ୍କୁ ଆକ୍ରମଣ କରି ତାଙ୍କ ଗଳା କାଟିବା ସହ ପେଟକୁ ଛୁରା ମାଡ଼ କରିଥିଲା । ଫଳରେ ଘଟଣା ସ୍ଥଳରେ ହିଁ ହରିଙ୍କର ମୃତ୍ୟୁ ହୋଇଥିଲା । ଅପର ପକ୍ଷରେ ଅଭିଯୁକ୍ତ ଅରୁଣ ଦଳାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଘଟଣା ସ୍ଥଳରେ ହିଞ୍ଜିଳି ପୋଲିସ ପହଞ୍ଚି ଶବକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ହିଞ୍ଜିଳି ମେଡିକାଲକୁ ପଠାଇ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କିଷାନର ସାଙ୍ଗଠନିକ ବୈଠକ



ଆସିକା,(ମହାଭାରତ): ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କିଷାନ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକ ଆସିକା ଖମ୍ବେଶ୍ୱରୀ ପାଟଣା ସ୍ଥିତ ପଶ୍ଚିମ କଂଗ୍ରେସ କମିଟି କାର୍ଯ୍ୟାଳୟ ଠାରେ ଆସିକା ନିର୍ବାଚନ ମଣ୍ଡଳୀ ସାଂସଦ ପ୍ରତିନିଧି ଦେବାକାନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠୀତ ହୋଇଥିଲା । ଏହି ବୈଠକରେ କିଷାନ ନେତା ଓ କୃଷକ ଓ କର୍ମୀ ମାନଙ୍କୁ ନେଇ ଆୟୋଜିତ ହୋଇଥିଲା । ଏହି କୃଷକ ମାନଙ୍କ ଉତ୍ତତି ଓ ବିକାଶକୁ ଦୃଷ୍ଟିରେ ରଖି ତିନୋଟି ପ୍ରମୁଖ ଦାବୀ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡିଶା କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଜିଲ୍ଲା ସଂଯୋଜକ ତଥା ଆସିକା ନିର୍ବାଚନ ମଣ୍ଡଳୀ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, କଂଗ୍ରେସ ନେତା ସୁନାରାମ ସାବତ, ସୋରଡା କଂଗ୍ରେସ ନେତା ହରିକୃଷ୍ଣ ରଥ, କଂଗ୍ରେସ ନେତା ଚିତ୍ରସେନ ବେହେରା, ଆସିକା ଯୁବ କଂଗ୍ରେସ ନେତା ଦିପକ କୁମାର ଭୂୟାଁ, ବିନାୟକ ଗୌଡ ପ୍ରମୁଖ ଯୋଗ ଦେଇଥିଲେ । ଚାଷୀର ସମସ୍ତ ବଳକା ଧାନ ସରକାର ସିଧାସଳଖ କୌଣସି ମଧବର୍ତୀକାଳୀନ ବ୍ୟବସ୍ଥା ବିନା ଚାଷୀ ଠାରୁ କିଣିବା ଉପରେ ବୈଠକରେ ଜୋର ଧରିଥିଲା । ଏହା ସହିତ କୃଷକ ବୀମାକୁ ସଠିକ ଭାବରେ ଲାଗୁ କରିବା, ଚାଷୀ ପରିବାରର ସମସ୍ତ ସଦସ୍ୟଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା ଓ ବର୍ଷସାରା ଖରାରେ ଓ ତାରାରେ ଶାରିରୀକ ପରିଶ୍ରମ କରୁଥିବା କୃଷକକୁ ୫୫ ବର୍ଷ ପରେ ୧୦ ହଜାର ଟଙ୍କା କୃଷକ ଭତା ପ୍ରଦାନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ କୃଷକ ମାନଙ୍କ ହିତସାଧନ ଉଦ୍ଦେଶ୍ୟରେ ସରକାର ଏସବୁ ଦାବୀକୁ ପୂରଣ କରିବାରେ ଅସମର୍ଥ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ କଂଗ୍ରେସ ଯୁବ ଗୋଷ୍ଠୀ ଭବାନୀ ଭୂଷଣ ଦାଶ, ଶିବ ଦାଶ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହ ଯୋଗ କରିଥିଲେ।

## ରାଜସ୍ୱ ଅମଲା ସଙ୍ଘ ର ୫ଦଫା ଦାବି ରେ ଆନ୍ଦୋଳନ



କେନ୍ଦ୍ରାପଡା (ମହାଭାରତ): ବହୁ ପ୍ରତୀକ୍ଷିତ ଦଶ ଦଫା ଦାବୀ ପୁରଣ କରିବା ରେ ରାଜ୍ୟ ସରକାର ଙ୍କ ସହ ଆଲୋଚନା ବିଫଳ ହେବା ପରେ ରାଜ୍ୟ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହିବା ପରିପେକ୍ଷିରେ ଆଜି କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ ସାମୁହିକ ଛୁଟିରେ ଅଛନ୍ତି । ପ୍ରକାଶ ଥାଉକି ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ମାନେ ନିଜ ନିଜ ଅଧିକାରୀଙ୍କୁ ସମୁହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବୀ ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ, ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲାର ସଭାପତି ଶ୍ରୀ ସୁକାନ୍ତ କୁମାର ଜେନା , ସମ୍ପାଦକ ଶ୍ରୀ ଶୈଳେନ୍ଦ୍ର ନାରାୟଣ ପଧାନ ଓ ସମସ୍ତ ରାଜସ୍ୱ ଅମଲାମାନେ ମତ ପ୍ରକାଶ କରିଛନ୍ତି । ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ□ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ , ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟା ରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥା୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ ହେବ ବୋଲି ପ୍ରତିଶୃତି ଦେଇଥିଲେ, ଫଳ ସ୍ୱରୂପ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲା ମାନଙ୍କ ତରଫରୁ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା। କିନ୍ତୁ, ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡିକୁ ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦% ରୁ ୩୩% କରିବା ସହ ଲେବେଲ-୯ ରେ ଜଣେ ଜିଲ୍ଲା ସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶାନାମା ଜାରି କରିଥିଲେ। ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଥାଉକି, ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ମାନଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦୋତ୍ତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି ।ସେମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ । ଜିଲ୍ଲା ସ୍ତରୀୟ ରାଜସ୍ ଅମଲା ମାନେ ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସିମୀତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି।

## ଜଳୁନି ଷ୍ଟ୍ରିଟ୍ ଲାଇଟ୍: ଅନ୍ଧାରରେ ଫାୟାର ଷ୍ଟେସନ-ମିଲିଟାରୀ ଛକ ରାସ୍ତା

ବ୍ୟାସନଗର,(ମହାଭାରତ): କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ପାଲଟିଥିବା ଯାଜପୁର ରୋଡ ଫାୟାର ଷ୍ଟେସନ ଗୋଲେଇ ଛକ ଠାରୁ ମିଳିଟାରୀ ଛକ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ବହୁ ଦିନ ଧରି ଅନ୍ଧାର ହୋଇପଡ଼ିଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି କଳିଙ୍ଗନଗର ଶିଳ୍ପା□ଳ, ସୁକିନ୍ଦା ଖଣି ଅଞ୍ଚଳ ଓ ଢେଙ୍କାନାଳ ଜିଲ୍ଲାକୁ ଯାତାୟାତ ମାତ କରୁଛି। ସେଥି ପାଇଁ ରାସ୍ତାଟି ସବୁ ବୁ ସମୟରେ ସମୟ ବ୍ୟସ୍ତବହୁଳ। ରାସ୍ତା ଦେଇ ଶିଳ୍ପାଞ୍ଚଳ କର୍ମଚାରୀ, ଶ୍ରମିକ ଏବଂ ଜ ଜନସାଧାରଣ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତାରେ ରାତି ସମ ସମୟରେ ନିରାପଦ ପଦ ଭାବେ ପାଇଁ ଆଲୋକ ସଂଯୋଗ କରାଯାଇଛି। କିନ୍ତୁ ବହୁଦିନ ହେବ ଅଧିକାଂଶ ଲାଇଟ୍ ଜଳୁ ନଥୁବାରୁ ଏହି ରାସ୍ତା ଅନ୍ଧକାର ହୋଇ ରହିଛି। ଏହାର ଚାର ସୁଯୋଗରେ ଚୋରି ଓ ରାହାଜାନି ଜାନି ବୃଦ୍ଧି ରବା ସଙ୍ଗେସ ଙ୍ଗସଙ୍ଗେ ଦୁର୍ଘଟଣାମାନ ଘଟୁଛି। ପାଇବ ନିଶା କାରବାର ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି। ଫଳରେ ଏହି ରାସ୍ତା ଦେଇଯାଉଥିବା ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏହି ଅଞ୍ଚଳ ଯଜପୁର ରୋଡ୍ ଥାନା ଏବଂ ଦାନଗଦୀ ଫାଣ୍ଡି ଅଧୀନରେ ଥିଲେ ମଧ ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ହେଉନାହିଁ । କିଛିଦିନତଳେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଓ ବାଇକ୍ ନେଇଚମ୍ପଟ ମାରିଥିଲେ। ରାସ୍ତା ଅନ୍ଧକାର ସମ୍ପର୍କରେ ପାଣିକୋଇଲି ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଲାଇଟ୍ ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ କେଏନ୍ଡିଏର। ଏଥିରେ ପୂର୍ତ୍ତ ବିଭାଗର କୌଣସି ଭୂମିକା ନାହିଁ ।କେଏନ୍ଡିଏ ଅଧୁକାରୀ ଦେବାଶିଷ ପାଢ଼ିଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟୁତ ବିଲ୍ ପ୍ରଦାନ କରିବା ଆମ ଦାୟିତ୍ୱ। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ ବିଦ୍ୟୁତ ସେକ୍ସନର। ଏ ନେଇ ପାଣିକାଇଲି ପୂର୍ତ୍ତ ବିଭାଗର ବିଦ୍ୟୁତ ବିଭାଗ ଏସ୍ଡିଓଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବିଦ୍ୟୁତ ବିଲ ପୈଠ ହୋଇନାହିଁ । ବର୍ତ୍ତମାନ ରକ୍ଷଣାବେକ୍ଷଣ ଏବଂ ବିଲ୍ ପୈଠ ଦାୟି ଆମ ଅଧୀନରେ ନାହିଁ । ତାହା ଜିଲ୍ଲା ଖଣିଜ ପାଣ୍ଠି( ପାଣ୍ଠି (ଡିଏଫ୍)କୁ ହସ୍ତାନ୍ତର କରାଯାଇଛି। ଏସବୁକୁ ଦେଖୁଲେ ବି ବିଭାଗୀୟ ତାଳମେଳ ଅଭାବ ଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ପଷ୍ଟ ଜଣାପଡୁଛି। ଜିଲ୍ଲାପାଳ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।





# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ନଭି ମୁମ୍ବାଇର ଏକ ହସପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ

ମୁମ୍ବାଇ: ନଭି ମୁମ୍ବାଇର ନେରୁଲ ସ୍ଥିତ ଏକ ହସପିଟାଲରେ ନିଆଁ ଲାଗିଯାଇଛି । ହସପିଟାଲର ୩ୟ ମହଲାରେ ନିଆଁ ଲାଗିବା ଯୋଗୁଁ ଅନେକ ରୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଘଟଣା ବିଷୟରେ ସୂଚନା ପାଇ ଦମକଳ ଟିମ୍ ନିଆଁକୁ ଆୟତ୍ତ କରୁଛି । ସମସ୍ତ ରୋଗୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ନିଆଁ ଲାଗିବା ସମୟରେ ୩ୟ ମହଲାରେ ୨୧ ଜଣ ରୋଗୀ ଥିଲେ । ସମସ୍ତଙ୍କୁ ଅନ୍ୟ ଏକ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ନଭି ମୁମ୍ବାଇର ନେରୁଲ ସ୍ଥିତ ସୁଶ୍ରୁଷା ହସପିଟାଲରେ ୩ୟ ମହଲାରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିଥିବା ବେଳେ ୩ୟ ମହଲାରେ ୨୧ ଜଣ ରୋଗୀ ରହିଥିଲେ । ଆଇସିୟୁରେ ୪ ଜଣ ରୋଗୀ ରହିଥିଲେ । ସମସ୍ତ ରୋଗୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଅନ୍ୟହସପିଟାଲକୁ ପଠାଯାଇଛି । ଘଟଣା ବିଷୟରେ ସୂଚନା ପାଇ ଦମକଳ ଟିମ୍ ନିଆଁକୁ ଆୟତ୍ତ କରୁଛି । ଦମକଳ ବାହିନୀର ୫ଟି ଗାଡି ଘଟଣା ସ୍ଥଳରେ ନିଆଁ ଲିଭାଉଛି । ତେବେ ନିଆଁରେ ସଂପୂର୍ଣ୍ଣ ବେସମେଣ୍ଟ ଜଳିଯାଇଛି । ନିଆଁ ଧୂଆଁ ଅନ୍ୟ ବିଲିଡିଂକୁ ବ୍ୟାପିଯାଇଛି । ନିଆଁ ଲାଗିବାର କାରଣ ଜଣାପଡିନାହିଁ ଯ ଯାହାର ଏବେ ଯାଞ୍ଚ କରାଯାଉଛି ।

## ଉତ୍ତରପ୍ରଦେଶରେ ଭୟଙ୍କର ସଡ଼କ ଦୁର୍ଘଟଣା

ୟୁପି : ୟୁପି ଭଦୋହୀ ଜିଲ୍ଲାରୁ ଏକ ଛାତିଥରା ସଡ଼କ ଦୁର୍ଘଟଣାର ଘଟଣା ସାମ୍ନାକୁ ଆସିଛି । ଏକ ଦ୍ରୁତଗାମୀ କାର୍ ରାସ୍ତା କଡ଼ରେ ଠିଆ ହୋଇଥିବା କଣ୍ଟେନରକୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ମହିଳା ଏବଂ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲାବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି । ସୂଚନାନୁଯାୟୀ, ଗୋପୀଗଞ୍ଜ କୋତୱାଲି ଅଞ୍ଚଳର ଜାତୀୟ ରାଜପଥ-୧୯ ରେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ସମ୍ପୂର୍ଣ୍ଣ ରୂପେ ଆମ୍ବୁଲାନ୍ସଟି ନଷ୍ଟ ହୋଇଯାଇଥିଲା । ବରୁଣଙ୍କ ମୃତ୍ୟୁ ହେବା ପରେ ତାଙ୍କ ସ୍ତ୍ରୀ ମୃତଦେହକୁ ନେଇ ଆମ୍ବୁଲାନ୍ସରେ ଘରକୁ ଫେରୁଥିବାବେଳେ ରାସ୍ତାରେ ଦୁର୍ଘଟଣା ଘଟିଥିଲା । ଫଳରେ ଘଟଣାସ୍ଥଳରେ ବରୁଣଙ୍କ ସ୍ତ୍ରୀ ମମତା ସହିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲା । ଏମାନଙ୍କ ବ୍ୟତୀତ ଏହି ଦୁର୍ଘଟଣାରେ ଅନ୍ୟ ୪ଜଣ ଆହତ ହୋଇଥିଲେ । ସୂଚନା ପାଇବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଚିକିତ୍ସା ପାଇଁ ଆହତଙ୍କୁ ତୁରନ୍ତ ଗୋପୀଗଞ୍ଜର କମ୍ୟୁନିଟି ହେଲଥ୍ ସେଣ୍ଟରରେ ଭର୍ତ୍ତି କରାଯାଇଥିଲା । ଏଥି ସହିତ ପୋଲିସ ଉଭୟ ମୃତକଙ୍କ ମୃତଦେହକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଇଛି । ଯାହା ସମସ୍ତଙ୍କୁ ଚକିତ କରିଦେଇଛି । ଅନ୍ୟପଟେ ମୃତ ବରୁଣଙ୍କ ସମ୍ପର୍କୀୟ ଅମିତ କୁମାର ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହା ଛଡ଼ା ସେ କହିଛନ୍ତି ଯେ, ବରୁଣଙ୍କ ମୃତ୍ୟୁର ଦୁଃଖ ଏପର୍ଯ୍ୟନ୍ତ କମି ନଥିଲା ବେଳେ ଏହି ଦୁର୍ଘଟଣା ପରିବାରକୁ ଭାଙ୍ଗି ପକାଇଛି । ମମତା ଏବଂ ବେବିଙ୍କ ଅକାଳ ମୃତ୍ୟୁ ଆମକୁ ମର୍ମାହତ କରିଛି ।

## ପୁଟିନଙ୍କ ସହ ସାକ୍ଷାତ କରିବା ପୂର୍ବରୁ ମୋଦିଙ୍କ ସହ କ'ଣ କଥା ହେଲେ ଜେଲେନ୍ସ୍କି

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ବୈଠକ ପୂର୍ବରୁ ସୋମବାର ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରିଥିଲେ। ଦୁଇ ନେତାଙ୍କ ମଧ୍ୟରେ ଏକ ଲମ୍ବା ଆଲୋଚନା ହୋଇଥିଲାଯ ଜେଲେନ୍ସ୍କି ନିଜେ ଟୁଇଟ୍ କରି ଏହି ଆଲୋଚନା ବିଷୟରେ ସୂଚନା ଦେଇଛନ୍ତିଯ ସେ କ'ଣ ଆଲୋଚନା ହୋଇଥିଲା ତାହା ମଧ୍ୟ କହିଛନ୍ତିଯ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ କଥା ହେବା ଏବଂ ସାମ୍ପ୍ରତିକ ଘଟଣାବଳୀ ଉପରେ ତାଙ୍କର ମତାମତ ଶୁଣିବା ଏକ ଖୁସିର କଥା। ଏହି ବିବାଦର ଶୀଘ୍ର ଏବଂ ଶାନ୍ତିପୂର୍ଣ୍ଣ ସମାଧାନର ଆବଶ୍ୟକତା ଉପରେ ମୁଁ ଭାରତର ସ୍ଥାୟୀ ଦୃଷ୍ଟିକୋଣ ଶେୟାର କରିଛି। ଭାରତ ଏହି ଦିଗରେ ସମସ୍ତ ପ୍ରକାରର ଅବଦାନ ଦେବାକୁ ପ୍ରତିବଦ୍ଧ ଏବଂ ୟୁକ୍ରେନ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ମଧ୍ୟ ପ୍ରସ୍ତୁତଯ ଏହା ସହ ରୁଷିଆ ତୈଳ ଆମଦାନୀ କମ କରିବା ନେଇ ମଧ୍ୟ ମୋଦିଙ୍କୁ ପ୍ରସ୍ତାବ ଦେଇଛନ୍ତି। ଜେଲେନ୍ସ୍କି ତରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୋର ଦୀର୍ଘ ସମୟ ଆଲୋଚନା ହୋଇଛି। ଆମେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲୁ। ଆମେ ଆମର ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସାମଗ୍ରିକ କୂଟନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲୁ। ଆମ ଲୋକଙ୍କ ପ୍ରତି ତାଙ୍କର ଉଷ୍ମ ସମର୍ଥନ ପାଇଁ ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି କୃତଜ୍ଞ।

# ବାଂଲାଦେଶରୁ ଝୋଟ ଜାତୀୟ ଦ୍ରବ୍ୟ ଆମଦାନୀ ଉପରେ ବ୍ୟାନ ଲଗାଇଲା ଭାରତ



ନୂଆଦିଲ୍ଲୀ : ଭାରତ ଓ ବାଂଲାଦେଶ ମଧ୍ୟରେ ତିକ୍ତ ସମ୍ପର୍କ ମଧ୍ୟରେ ଭାରତ ସୋମବାର ବାଂଲାଦେଶରୁ ଝୋଟ ଜାତୀୟ ଦ୍ରବ୍ୟ ଓ ଦଉଡ଼ି ଆମଦାନୀ ଉପରେ ସମସ୍ତ ସ୍ଥଳପଥ ମାର୍ଗରେ ତୁରନ୍ତ ନିଷେଧାଜ୍ଞା ଜାରି କରିଛିଯ ତେବେ, ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଏରଜି)ର ବିଜ୍ଞପ୍ତି ଅନୁସାରେ, ମହାରାଷ୍ଟ୍ରର ନ୍ହାବା ଶେବା ବନ୍ଦର ମାଧ୍ୟମରେ ଏହି ଆମଦାନୀ ଅନୁମୋଦିତଯ ବିଜ୍ଞପ୍ତିରେ କୁହାଯାଇଛି, ଭାରତ-ବାଂଲାଦେଶ ସୀମାନ୍ତରେ ଥିବା କୌଣସି ସ୍ଥଳପଥ ବନ୍ଦର ମାଧ୍ୟମରେ ବାଂଲାଦେଶରୁ ଆମଦାନୀ ଅନୁମତି ଦିଆଯିବ ନାହିଁ। ନିଷେଧାଜ୍ଞାରେ ବ୍ଲିଚ୍ଡ ଓ ଅଣବ୍ଲିଚ୍ଡ ଝୋଟ ବୁଣା କପଡ଼ା, ଝୋଟ ଦଉଡ଼ି, କୋର୍ଡେଜ, ତାଉଲି ଏବଂ ଝୋଟ ବସ୍ତା ଓ ବ୍ୟାଗ ଅନ୍ତର୍ଭୁକ୍ତ। ଏହା ପୂର୍ବରୁ ଜୁନ ୨୭ରେ ଭାରତ ବାଂଲାଦେଶରୁ ଝୋଟ ଜାତୀୟ ଦ୍ରବ୍ୟ ଓ ବୁଣା କପଡ଼ା ସ୍ଥଳପଥ ମାଧ୍ୟମରେ ଆମଦାନୀ ଉପରେ ନିଷେଧାଜ୍ଞା ଲଗାଇଥିଲା, କିନ୍ତୁ ନ୍ହାବା ଶେବା ବନ୍ଦର ମାଧ୍ୟମରେ ଅନୁମତି ଦେଇଥିଲା। ଏପ୍ରିଲ ଓ ମେ'ରେ ମଧ୍ୟ ଏହାପରି ନିଷେଧାଜ୍ଞା ଜାରି ହୋଇଥିଲା। ମେ' ୧୭ରେ ପ୍ରସ୍ତୁତ ପୋଷାକ ଓ ପ୍ରକ୍ରିୟାକୃତ ଖାଦ୍ୟ ପଦାର୍ଥ ଆମଦାନୀ ଉପରେ ବନ୍ଦର ନିୟନ୍ତ୍ରଣ ଲଗାଯାଇଥିଲା। ଏପ୍ରିଲ ୯ରେ ଭାରତ ବାଂଲାଦେଶକୁ ମଧ୍ୟପ୍ରାଚ୍ୟ, ଇଉରୋପ ଓ ଅନ୍ୟ ଦେଶକୁ (ନେପାଳ ଓ ଭୂଟାନ ବ୍ୟତୀତ) ରପ୍ତାନୀ ପାଇଁ ଦିଆଯାଇଥିବା ଟ୍ରାନ୍ସଶିପମେଣ୍ଟ ସୁବିଧା ପ୍ରତ୍ୟାହାର କରିଥିଲା। ଏହି ପଦକ୍ଷେପ ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମୁହମ୍ମଦ ଇଉନୁସଙ୍କ ଚୀନରେ ଦେଇଥିବା ବିବାଦୀୟ ବୟାନ ପରେ ନିଆଯାଇଛି, ଯାହା ନୂଆଦିଲ୍ଲୀରେ ଭଲ ପ୍ରଭାବ ପକାଇ ନଥିଲା। ଏହା ଭାରତର ରାଜନୈତିକ ନେତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ବାଂଲାଦେଶରେ ୟୁନୁସ ସରକାର ଅଳ୍ପସଂଖ୍ୟକ, ବିଶେଷତଃ ହିନ୍ଦୁ ସମ୍ପ୍ରଦାୟ ଉପରେ ଆକ୍ରମଣ ନିୟନ୍ତ୍ରଣ କରିବାରେ ବିଫଳ ହେବା ପରେ ଭାରତ-ବାଂଲାଦେଶ ସମ୍ପର୍କ ନାଟକୀୟ ଭାବେ ଖରାପ ହୋଇଛି। ବାଂଲାଦେଶ ବସ୍ତ୍ର କ୍ଷେତ୍ରରେ ଭାରତର ଏକ ବଡ଼ ପ୍ରତିଯୋଗୀଯ ୨୦୨୩-୨୪ରେ ଭାରତ-ବାଂଲାଦେଶ ବାଣିଜ୍ୟ ୧୨.୯ ବିଲିୟନ ଡଲାର ଥିଲା। ୨୦୨୪-୨୫ରେ ଭାରତର ରପ୍ତାନୀ ୧୧.୪୬ ବିଲିୟନ ଡଲାର ଥିବା ବେଳେ ଆମଦାନୀ ୨ ବିଲିୟନ ଡଲାର ରହିଛି।

## ପୁଣି ଭୂକମ୍ପରେ ଥରିଲା ତୁର୍କୀ

ତୁର୍କୀ : ପୁଣି ଭୂକମ୍ପରେ ଥରିଲା ତୁର୍କୀ। ୬.୧ ତୀବ୍ରତାର ଭୂକମ୍ପରେ ଦୋହଲି ଯାଇଛି ପଶ୍ଚିମ ତୁର୍କୀୟ ଇସ୍ତାନବୁଲ, ଟୁରିଷ୍ଟ ହଟସ୍ପଟ୍ ଇଜମିର ସମେତ ପଶ୍ଚିମ ତୁର୍କୀର ବହୁ ସହରରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ସିନ୍ଦିଗିରିରେ ଭୂକମ୍ପର କେନ୍ଦ୍ର ସ୍ଥଳ ଚିହ୍ନଟ ହୋଇଛି। ଇସ୍ତାନବୁଲ ସହର ଠାରୁ ଏହା ୨୦୦ କିଲୋମିଟର ଦୂରରେ ଅବସ୍ଥିତଯ ବ୍ୟାପକ କ୍ଷୟକ୍ଷତି କରିଛି ୬ ତୀବ୍ରତାର ଭୂକମ୍ପ । ଅନେକ ବିଲ୍ଡିଂ ଧ୍ୱଂସ ହୋଇ ଯାଇଛି। ରବିବାର ରାତି ପ୍ରାୟ ୮ଟା ୬.୧ ତୀବ୍ରତାର ବେଳେ ଭୂମିକମ୍ପ ହୋଇଥିଲା। ଏହା ପରେ ଆଉ ଥରେ ୪.୬ ତୀବ୍ରତାର ଝଟକା ଅନୁଭୂତ ହୋଇଥିଲା । ଅନକେ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି । ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର କାର୍ଯ୍ୟ । ତେବେ ମୃତାହତ ନେଇ ସବିଶେଷ ସୂଚନା ମିଳିପାରି ନାହିଁଯ ୨୦୨୩ରେ ଏକ ଭୟାବହ ଭୂମିକମ୍ପରେ ପ୍ରାୟ ୫୩ ହଜାର ଲୋକ ପ୍ରାଣ ହରାଇଥିଲେ ।

## ପୁଣି ଥରେ ଆରବ ସାଗରରେ ମୁହାଁମୁହିଁ ହେବେ ଭାରତ ପାକିସ୍ତାନ



ନୂଆଦିଲ୍ଲୀ : ପୁଣି ଥରେ ମୁହାଁମୁହିଁ ହେବେ ଭାରତ ପାକିସ୍ତାନ। ଆରବ ସାଗରରେ ଶକ୍ତି ପ୍ରଦର୍ଶନ କରିବେ ଦୁଇ ଦେଶ। ଆଜିଠୁ ଦୁଇ ନୌସେନାର ସମରାଭ୍ୟାସଯ ଆଜି ଏବଂ ଆସନ୍ତାକାଲି ନାଭାଲ ଡ୍ରିଲ। ନିଜ ନିଜର ଜଳ ସୀମାରେ ରାହି ସମରାଭ୍ୟାସ କରିବେ ଦୁଇ ଦେଶର ନୌସେନା । ସମରାଭ୍ୟାସ ପୂର୍ବରୁ ନୋଟାମ ଜାରି କରିଛି ପାକିସ୍ତାନଯ ପୂର୍ବରୁ ପହଲଗାମ ଆକ୍ରମଣ ପରେ ଶକ୍ତି ପ୍ରଦର୍ଶନ କରିଥିଲେ ଦୁଇ ନୌସେନା । ଆରବ ସାଗରରେ କରିଥିଲେ ସମରାଭ୍ୟାସଯ ଏପ୍ରିଲ ୩୦ରୁ ମେ ୩ ତାରିଖ ପର୍ଯ୍ୟନ୍ତ ଆରବ ସାଗରରେ ନାଭାଲ ଡ୍ରିଲ ହୋଇଥିଲା । ଆଜିଠୁ ପୁଣି ଥରେ ଦୁଇ ଦିନ ଧରି ଶକ୍ତି ପ୍ରଦର୍ଶନ କରିବେ। ଅପରେସନ ସିନ୍ଦୂର ବେଳେ ଭାରତୀୟ ନୌସେନା ପାକିସ୍ତାନ ଉପରେ ବଡ଼ ହମଲା ପାଇଁ ପ୍ରସ୍ତୁତି କରିଥିଲା। କିନ୍ତୁ ତା ପୂର୍ବରୁ ପାକିସ୍ତାନ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଥିଲା।

## ଗାଜା-ଇସ୍ରାଏଲ ଯୁଦ୍ଧରେ ୫ ସାମ୍ବାଦିକ ମୃତ




ନୂଆଦିଲ୍ଲୀ : ଇସ୍ରାଏଲ ଏବଂ ହମାସ ମଧ୍ୟରେ ଲଗାତାର ଯୁଦ୍ଧ ଲାଗି ରହିଛି। ଏହି ଇସ୍ରାଏଲ ଏବଂ ହମାସ ଆକ୍ରମଣରେ ୫ଜଣ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି । ଅଲ-ଶିଫା ହସ୍ପିଟାଲ ନିକଟରେ ପ୍ରେସ୍ ପାଇଁ ହୋଇଥିବା ଏକ ତମ୍ବୁକୁ ଟାର୍ଗେଟ୍ କରି ଇସ୍ରାଏଲ ଆକ୍ରମଣ କରିଥିଲା । ସୂଚନାନୁଯାୟୀ, ରବିବାର ବିଳମ୍ବିତ ରାତିରେ ଗାଜାର ଅଲ୍-ଶଫା ହସ୍ପିଟାଲର ମୁଖ୍ୟ ଗେଟ୍ ବାହାରେ ଥିବା ତମ୍ବୁ ଉପରେ ଇସ୍ରାଏଲ ଆକ୍ରମଣ କରିବାରୁ ୭ଜଣଙ୍କର ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରେ ୫ ଜଣ ସାମ୍ବାଦିକ ଥିଲେ । ମୃତକ ହେଲେ ମହମ୍ମଦ କରେଇକେ, ଇବ୍ରାହିମ୍ ଜାହିର, ମହମ୍ମଦ ନୌଫାଲ୍ ଏବଂ ମୋଆମିନ୍ ଅଲିଓ୍ୱା ଥିଲେ । ଅଲ-ଶରିଫ ତାଙ୍କ ଶେଷ ପୋଷ୍ଟରେ ଲେଖିଛନ୍ତି ଯେ, ''ଯଦି ମୋର ଏହି କଥାଗୁଡ଼ିକ ତୁମ ପାଖରେ ପହଞ୍ଚେ, ତେବେ ଜାଣ ଯେ ଇସ୍ରାଏଲ ମୋତେ ହତ୍ୟା କରିବାରେ ଏବଂ ମୋ ସ୍ୱରକୁ ଦମନ କରିବାରେ ସଫଳ ହୋଇଛି। କିନ୍ତୁ ଗାଜାକୁ ଭୁଲିଯାଅ ନାହିଁ ''। ଏହାରି ମଧ୍ୟରେ ଇସ୍ରାଏଲ ସେନାବାହିନୀ ଅଲ-ଶରିଫଙ୍କୁ ଆତଙ୍କୀ ବୋଲି କହିଛନ୍ତି । ଯିଏ କି ନିଜକୁ ସାମ୍ବାଦିକର ପରିଚୟ ଦେଉଥିଲେ । ପ୍ରକୃତରେ ସେ ହମାସ ଆତଙ୍କବାଦୀର ମୁଖ୍ୟ ଥିଲେ ଏବଂ ଇସ୍ରାଏଲ ନାଗରିକଙ୍କ ସମେତ ଓଉର ସୈନିକଙ୍କ ଉପରେ ଆକ୍ରମଣ କରିଥିଲେ ।

## ଅପରେସନ ସିନ୍ଦୂର ପରେ ପାକିସ୍ତାନର ହୀନ ବ୍ୟବହାର: ଭାରତୀୟ କୂଟନୀତିଜ୍ଞଙ୍କୁ ଖବରକାଗଜ, ଗ୍ୟାସ ଓ ପାଣି ଯୋଗାଣ ବନ୍ଦ

ନୂଆଦିଲ୍ଲୀ : ପାକିସ୍ତାନ ଅପରେସନ ସିନ୍ଦୂର ପରେ ଇସଲାମାବାଦରେ ଥିବା ଭାରତୀୟ କୂଟନୀତିଜ୍ଞଙ୍କ ଉପରେ ଉତ୍ପୀଡ଼ନକୁ ତୀବ୍ର କରିଛି। ଏହି ଅପରେସନରେ ୯ଟି ଆତଙ୍କବାଦୀ ଶିବିରକୁ ଟାର୍ଗେଟ କରାଯାଇ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ସୋମବାର ଅଧିକାରୀଙ୍କ ସୂଚନା ଅନୁସାରେ, ଭାରତୀୟ ହାଇ କମିଶନ ଏବଂ ଭାରତୀୟ କୂଟନୀତିଜ୍ଞଙ୍କ ବାସସ୍ଥାନକୁ ଖବରକାଗଜ ଯୋଗାଣ ବନ୍ଦ କରାଯାଇଛି। ଏହାର ପ୍ରତିକ୍ରିୟା ସ୍ୱରୂପ ଭାରତ ମଧ୍ୟ ନୂଆଦିଲ୍ଲୀରେ ଥିବା ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ଖବରକାଗଜ ଯୋଗାଣ ବନ୍ଦ କରିଛି। ସୂତ୍ର ଅନୁସାରେ, ପାକିସ୍ତାନୀ ପ୍ରାଧିକରଣ ଦ୍ୱାରା ଭାରତୀୟ କୂଟନୀତିଜ୍ଞଙ୍କ ଉପରେ ତୀବ୍ର ନିରୀକ୍ଷଣ କରାଯାଉଛି। ଏପରିକି ଭାରତୀୟ କୂଟନୀତିକ ବାସସ୍ଥାନ ଓ କାର୍ଯ୍ୟାଳୟରେ ଅନଧିକୃତ ପ୍ରବେଶର ରିପୋର୍ଟ ମିଳିଛି। ଏହି କାର୍ଯ୍ୟଗୁଡ଼ିକୁ କୂଟନୈତିକ ସମ୍ପର୍କ ସଂକ୍ରାନ୍ତ ଭିଏନା କନଭେନସନର ସ୍ପଷ୍ଟ ଉଲ୍ଲଂଘନ ବୋଲି ବିବେଚନା କରାଯାଉଛି, ଯାହା କୂଟନୀତିଜ୍ଞଙ୍କ ସୁରକ୍ଷା ଓ ସମ୍ମାନର ଗ୍ୟାରେଣ୍ଟି ଦେଇଥାଏ। ଏହାକୁ କୂଟନୀତିକ କର୍ମଚାରୀଙ୍କୁ ଭୟଭୀତ କରିବାର ଏକ ପ୍ରୟାସ ଭାବେ ଦେଖାଯାଉଛି। ସ୍ଥାନୀୟ ବିକ୍ରେତାମାନଙ୍କୁ ପାକିସ୍ତାନୀ ପ୍ରାଧିକରଣ ଭାରତୀୟ ଅଧିକାରୀଙ୍କୁ ଗ୍ୟାସ ଓ ପାଣି ଭଳି ମୌଳିକ ସୁବିଧା ଯୋଗାଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଭାରତୀୟ ମିଶନକୁ ରୋଷେଇ ଓ ଗରମ କରିବା ପାଇଁ ଗ୍ୟାସ ସିଲିଣ୍ଡର ଯୋଗାଣ କରୁଥିବା ବିକ୍ରେତାମାନଙ୍କୁ ଏବେ ଭାରତୀୟ କର୍ମଚାରୀଙ୍କୁ ଯୋଗାଣ ନ କରିବାକୁ କୁହାଯାଇଛି। ଏହା ପୂର୍ବରୁ ୨୦୧୯ରେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତର ସର୍ଜିକାଲ ଷ୍ଟ୍ରାଇକ ସମୟରେ ମଧ୍ୟ ଦେଖାଯାଇଥିଲା। ସେହି ସମୟରେ ମଧ୍ୟ ପାକିସ୍ତାନୀ ପ୍ରାଧିକରଣ ଭାରତୀୟ କୂଟନୀତିଜ୍ଞଙ୍କ ବିରୋଧରେ ଏକାଧାର ଚାପ ସୃଷ୍ଟି କରିଥିଲେ। ଇସଲାମାବାଦର ଜଣେ ସୂତ୍ର ଇଣ୍ଡିଆ ଟୁଡେକୁ କହିଛନ୍ତି, ପୁଲଓ୍ୱାମା ଆକ୍ରମଣ ପରେ ୨୦୧୯ରେ ଭାରତ ସର୍ଜିକାଲ ଷ୍ଟ୍ରାଇକ କରିଥିବା ସମୟରେ ମଧ୍ୟ ଏହା ଘଟିଥିଲାଯ ସେହି ସମୟରେ ମଧ୍ୟ ଭାରତୀୟ କୂଟନୀତିଜ୍ଞଙ୍କୁ ଏହି ଭାବେ ଉତ୍ପୀଡ଼ନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ଘଟଣା ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ନୂଆ ଉତ୍ତେଜନା ସୃଷ୍ଟି କରିଛି।

## ଚେନ୍ନାଇରେ ଜରୁରୀ ଅବତରଣ କଲା ଏୟାର ଇଣ୍ଡିଆ ବିମାନ




ଚେନ୍ନାଇ: ଚେନ୍ନାଇରେ ଜରୁରୀ ଅବତରଣ କଲା ଏୟାର ଇଣ୍ଡିଆ ବିମାନ । ତିରୁବନନ୍ତପୁରମରୁ ଦିଲ୍ଲୀ ଯାଉଥିବାବେଳେ ବିମାନର ଜରୁରୀ ଅବତରଣ ହୋଇଥିଲା । ଖରାପ ପାଗ ଏବଂ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚେନ୍ନାଇ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କଲା ଏୟାର ଇଣ୍ଡିଆ ବିମାନ । ସେହି ବିମାନରେ ୫ଜଣ ସାଂସଦ ଦିଲ୍ଲୀ ଯାତ୍ରା କରୁଥିବା ସମୟରେ ଏପରି ଘଟିଥିଲା ବୋଲି ସୂଚନା ମିଳିଛି । ସୂଚନାନୁଯାୟୀ, ତିରୁବନନ୍ତପୁରମରୁ ଦିଲ୍ଲୀ ଯାଉଥିବା ସମୟରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା ।ଫଳରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆ ବିମାନ ଚେନ୍ନାଇ ବିମାନବନ୍ଦରରେରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ସେଠାରେ ଅଧିକ ତଦନ୍ତ କରାଯିବ। ସେଥିରେ କଂଗ୍ରେସ ନେତା ଭେନୁଗୋପାଳଙ୍କ ସମେତ ଅନେକ ସାଂସଦ ବିମାନରେ ଉପସ୍ଥିତ ଥିଲେ। ଏହାରି ମଧ୍ୟରେ ସୋସିଆଲ ମିଡିଆରେ ଘଟଣା ସମ୍ପର୍କରେ ସେୟାର କରିଛନ୍ତି । ସେ କହିଛନ୍ତି ଯେ, ଅନେକ ସାଂସଦଙ୍କ ସମେତ ଶହ ଶହ ଯାତ୍ରୀ ଆଜି ବଡ଼ ଦୁର୍ଘଟଣାର ନିକଟରେ ରହିଥିଲେ । କିନ୍ତୁ ସମସ୍ତେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହା ବ୍ୟତୀତ ଆହୁରି କହିଛନ୍ତି ଯେ, ପ୍ରାୟ ଗୋଟିଏ ଘଣ୍ଟା ପରେ କ୍ୟାପ୍ଟେନ୍ ବିମାନ ସିଗନାଲରେ ତ୍ରୁଟି ଘୋଷଣା କଲେ ଏବଂ ବିମାନକୁ ଚେନ୍ନାଇ ଅଭିମୁଖେ ନେଇଥିଲେ । ଅବତରଣ ଅନୁମତି ପାଇଁ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଚେନ୍ନାଇ ବିମାନବନ୍ଦର ଚାରିପାଖେ ବିମାନଟି ଘୁରିଥିଲା । ନଷ୍ଟତି ନେବା ପରେ ସୁରକ୍ଷିତ ଭାବେ ବିମାନର ଜରୁରୀକାଳୀନ ଅବତରଣ ହୋଇଥିଲା। ଏହି ଏୟାର ଇଣ୍ଡିଆ ବିମାନରେ କେରଳ ସାଂସଦ ଏବଂ କଂଗ୍ରେସ ମହାସଚିବ କେସି ଭେନୁଗୋପାଳଙ୍କ ସହିତ ୟୁଡିଏଫ ସଂଯୋଜକ ଅଦୂର ପ୍ରକାଶ, ବରିଷ୍ଠ କଂଗ୍ରେସ ନେତା କେ. ସୁରେଶ, କେ. ରାଧାକୃଷ୍ଣନ ଏବଂ ତାମିଲନାଡୁ ସାଂସଦ ରବର୍ଟ ବ୍ରୁସ ଯାତ୍ରା କରୁଥିଲେ ବୋଲି ସୂଚନା ମିଳିଛି । ଅନ୍ୟପଟେ ଏୟାର ଇଣ୍ଡିଆର ପ୍ରବକ୍ତା ପ୍ରଭାବିତ ଯାତ୍ରୀଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି । ଏହା ସହିତ ସେ କହିଛନ୍ତି ଯେ, ଯାତ୍ରୀମାନଙ୍କୁ ଯଥାଶୀଘ୍ର ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଉଛି।

# ଖୁବଶୀଘ୍ର ହୋଇପାରେ ଆଗାମୀ ଯୁଦ୍ଧ !




ନୂଆଦିଲ୍ଲୀ : ଭାରତର ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ପରବର୍ତ୍ତୀ ଯୁଦ୍ଧ ଖୁବ୍ ଶୀଘ୍ର ଆରମ୍ଭ ହୋଇପାରେ ସେ ନେଇ ସତର୍କ କରାଇ ଦେଇଛନ୍ତି । ଅଗଷ୍ଟ ୪ ତାରିଖରେ ଭାରତୀୟ ସେନା ଗବେଷଣା ପ୍ରକୋଷ୍ଠର ଉଦଘାଟନ ସମୟରେ ଆଇଆଇଟି ମାଡ୍ରାସର ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି କହିଥିଲେ, ୨୨ ଏପ୍ରିଲରେ ପହଲଗାମରେ ଯାହା ହୋଇଥିଲା, ତାହା ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଥିଲା। ଜେନେରାଲ୍ ଦ୍ୱିବେଦୀ କହିଥିଲେ କି, ଭବିଷ୍ୟତର ଯୁଦ୍ଧର ଫଳାଫଳରେ ପ୍ରଯୁକ୍ତିବିଦ୍ୟା, ନାଗରିକ ପ୍ରସ୍ତୁତି ଏବଂ ନାଗରିକ ସମ୍ପୃକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆମେ ଯେଉଁ ପରବର୍ତ୍ତୀ ଯୁଦ୍ଧ ଦେଖୁଛୁ, ତାହା ଶୀଘ୍ର ହୋଇପାରେ । ଆମକୁ ସେହି ଅନୁସାରେ ପ୍ରସ୍ତୁତ ହେବାକୁ ପଡିବଏବଂ ଏଥର ଆମକୁ ଏହି ଯୁଦ୍ଧ ଏକାଠି ଲଢ଼ିବାକୁ ପଡିବ । ଜେନେରାଲ ଦ୍ୱିବେଦୀ କହିଥିଲେ ଯେ, ଆଜିର ଯୁଦ୍ଧ ପାରମ୍ପରିକ ଶକ୍ତି ଏବଂ ଆଧୁନିକ କ୍ଷେତ୍ରରେ କ୍ଷମତାର ଦିଗଗୁଡ଼ିକୁ ମିଶ୍ରଣ କରେ । ଭାରତୀୟ ସେନା ସମ୍ପର୍କହୀନ ଯୁଦ୍ଧ, ରଣନୈତିକ ଗତି ଏବଂ ମନସ୍ତା[illegible]କ ଶ୍ରେଷ୍ଠତା ସହିତ ପଞ୍ଚମ ପିଢ଼ିର ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ହେଉଛି । ଭାରତ-ଆମେରିକା ମିଳିତ ପଦକ୍ଷେପ, ଯେପରିକି ସୀମା ସମ୍ପ୍ରଦାୟ ବଙ୍କର ଏବଂ ଉନ୍ନତ ଡ୍ରୋନ, ଜାତୀୟ ସୁରକ୍ଷା ପାଇଁ ବ୍ୟାପକ ଭାବରେ ବିକଶିତ କରାଯାଉଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ପାଇଁ ଏକ ଟାର୍ଗେଟେଡ୍ ଷ୍ଟ୍ରାଇକ୍ ଅପରେସନ୍ କରାଯାଇଥିଲା। ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକଙ୍କ ଜୀବନ ଯାଇଥିଲା । ଏହି ଅପରେସନ୍ ସମୟରେ, ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ନଅଟି ଲକ୍ଷ୍ୟସ୍ଥଳରୁ ସାତଟିକୁ ସଫଳତାର ସହ ହଟାଇ ଦେଇଥିଲେ । ଜେନେରାଲ ଦ୍ୱିବେଦୀ ଏହି ଅପରେସନକୁ ଗ୍ରେ ଜୋନରେ ଖେଳାଯାଉଥିବା ଏକ ଚେସ୍ ମ୍ୟାଚ୍ ସହିତ ତୁଳନା କରିଥିଲେ, ଯେଉଁଠାରେ କୌଣସି ଅଂଶଗ୍ରହଣକାରୀ ପରବର୍ତ୍ତୀ ସମୟରେ କ'ଣ କରିବେ ସେ ବିଷୟରେ ନିଶ୍ଚିତ ନଥିଲେ, ଯାହା ଫଳରେ ଗତି ଏବଂ ଅନିଶ୍ଚିତତା ଆବଶ୍ୟକ ହେଉଥିଲା । ଆମକୁ ମୁକ୍ତ ଭାବେ ଛଡାଯାଇଥିବାରୁ ତିନି ସେନାମୁଖ୍ୟଙ୍କୁ ଗ୍ରାଉଣ୍ଡ ନିଜ ଅଭିଜ୍ଞତା ଅନୁଯାୟୀ କାର୍ଯ୍ୟ କରିବାରେ ସାହାଯ୍ୟ କରିଥିଲା । ଏପ୍ରିଲ ୨୫ ତାରିଖରେ ତିନି ସେନା ମୁଖ୍ୟ ନର୍ଦନ କମାଣ୍ଡ ଯାଇଥିଲେ । ଯେଉଁଠାରେ ଆମେ ଯୋଜନା କରିଥିଲୁ । ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲୁ । ଏହାକୁ କାର୍ଯ୍ୟକାରୀ କରିଥିଲୁ । ୯ଟି ଲକ୍ଷ୍ୟସ୍ଥଳରୁ ୭ଟି ଧ୍ୱଂସ କରାଯାଇଥିଲା । ବହୁ ସଂଖ୍ୟକ ଆତଙ୍କବାଦୀ ନିହତ ହୋଇଥିଲେ । ଏହାପରେ ପ୍ରଧାନମନ୍ତ୍ରୀଙ୍କ ସହ ଆମର ପ୍ରଥମ ସାକ୍ଷାତ ୨୯ ଏପ୍ରିଲରେ ହୋଇଥିଲା ।

# ଖେଳ ପ୍ରଶାସନ ବିଧେୟକ ଲୋକସଭାରେ ପାରିତ

ନୂଆଦିଲ୍ଲୀ, ୧୧।୮: ବହୁପ୍ରତୀକ୍ଷିତ ରାଷ୍ଟ୍ରୀୟ ଖେଳ ପ୍ରଶାସନ (ନ୍ୟାସନାଲ୍ ସ୍ପୋର୍ଟ୍ସ ଗଭରନାନ୍ସ) ବିଧେୟକ ସୋମବାର ଲୋକସଭାରେ ପାରିତ ହୋଇଛି। ଲୋକସଭାରେ ଉପସ୍ଥାପନ କରିଥିଲେ। ଏହି ବିଧେୟକରେ ଉତ୍ତରଦାୟୀ ପାଇଁ ଏକ କଠୋର ବ୍ୟବସ୍ଥା କରିବା ପାଇଁ ଏକ ରାଷ୍ଟ୍ରୀୟ ଖେଳ ବୋର୍ଡ

## ସ୍ୱାଧୀନ ଭାରତର ସବୁଠୁ ବଡ଼ ଖେଳ ସଂସ୍କାର

କେନ୍ଦ୍ର ଖେଳ ମନ୍ତ୍ରୀ ମନସୁଖ ମଣ୍ଡଭିୟ ଏହାକୁ ସ୍ୱାଧୀନତା ପରେ ଭାରତୀୟ ଖେଳର ସବୁଠୁ ବଡ଼ ସଂସ୍କାର ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ମାଣ୍ଡଭିୟ ଜୁଲାଇ ୨୩ରେ ଏହି ବିଧେୟକକୁ (ଏନ୍‌ଏସବି) ଗଠନର ପ୍ରାବଧାନ ରହିଛି। ସମସ୍ତ ରାଷ୍ଟ୍ରୀୟ ଖେଳ ମହାସଂଘ (ଏନ୍‌ଏସ୍‌ଏଫ)କୁ କେନ୍ଦ୍ର ସରକାରଙ୍କଠାରୁ ଅର୍ଥ ପାଇବାକୁ ହେଲେ ଏନଏସବିଠାରୁ ମାନ୍ୟତା ହାସଲ କରିବାକୁ ପଡ଼ିବ।



କେନ୍ଦ୍ର ଖେଳ ମନ୍ତ୍ରୀ କହିଛନ୍ତି, ଏହା ସ୍ୱାଧୀନତା ପରେ ଖେଳ କ୍ଷେତ୍ରରେ ଅଣାଯାଇଥିବା ସବୁଠୁ ବଡ଼ ସଂସ୍କାର ଅଟେ । ଏହି ବିଧେୟକ ଖେଳ ସଂଘରେ ଉତ୍ତରଦାୟୀ, ନ୍ୟାୟ ଓ ଉତ୍ତମ ପ୍ରଶାସନ ସୁନିଶ୍ଚିତ କରିବ ଭାରତର ଖେଳ ଜଗତରେ ଏହାର ବଡ଼ ଗୁରୁତ୍ୱ ରହିବ। ତେବେ ଏହା ଦୁର୍ଭାଗ୍ୟର କଥା ଯେ ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଓ ସଂସ୍କାରରେ ବିରୋଧୀଙ୍କ ଭାଗିଦାରୀ ନାହିଁ। ଏହି ବିଲ୍ ଅନୁଯାୟୀ, 'ଜାତୀୟ ସ୍ୱାର୍ଥରେ ନିର୍ଦ୍ଦେଶ ଜାରି କରିବା ଏବଂ ପ୍ରତିବନ୍ଧକ ଲଗାଇବାର କ୍ଷମତା' ସମ୍ବନ୍ଧୀୟ ଧାରା ଅନୁଯାୟୀ କେନ୍ଦ୍ର ସରକାରଙ୍କ ପାଖରେ ସ୍ୱତନ୍ତ୍ର ପରିସ୍ଥିତିରେ ଭାରତୀୟ ଦଳ ଏବଂ ବ୍ୟକ୍ତିଗତ ଖେଳାଳିଙ୍କ ଅନ୍ତର୍ଜାତୀୟ ଅଂଶଗ୍ରହଣ ଉପରେ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଇବାର କ୍ଷମତା ରହିବ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି। ଏହି ବିଧେୟକରେ ରାଷ୍ଟ୍ରୀୟ ଖେଳ ନ୍ୟାୟାଧିକରଣର ପ୍ରସ୍ତାବ ରହିଛି। ଏହା ଅନୁସାରେ, ଏକ ଦୋନୀ କୋର୍ଟ ପାଖରେ ଶକ୍ତି ରହିବ, ଯିଏ ମହାସଂଘ ଓ ଖେଳାଳିଙ୍କ ଚୟନଠାରୁ ଆରମ୍ଭ କରି ବିବାଦର ସମାଧାନ କରିବ। ଥରେ ରାୟ ଆସିବା ପରେ, ନିଷ୍ପତ୍ତିକୁ କେବଳ ସର୍ବୋଚ୍ଚ ନ୍ୟାୟାଳୟରେ ହିଁ ଚ୍ୟାଲେଞ୍ଜ କରାଯାଇପାରିବ।

## ବିଶ୍ୱ ଆଦିବାସୀ ଦିବସ: ଫୁଟବଲ ଟୁର୍ଣ୍ଣାମେଣ୍ଟରେ ତିରିଂ ଚମ୍ପିୟାନ

ରାଇରଙ୍ଗପୁର, ୧୧।୮: ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁରସ୍ଥ ଷ୍ଟାଡିୟମଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତିନି ଦିନ ଧରି ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ସରପଞ୍ଚ ଟିମ୍ ଓ ଗାଜାଳ ବାହା ମଧ୍ୟରେ ହୋଇଥିଲା। ସେଥିର ସରପଞ୍ଚ ଟିମ୍ ୧-୦ ଗୋଲରେ ବିଜୟ ହୋଇଥିଲା। ସେହିପରି ଫାଇନାଲ ମ୍ୟାଚରେ ତିରିଂ ଫୁଟବଲ ଦଳ ଓ ବାଦାମପାହାଡର ରୋହିତ ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା ଫାଇନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପେନ୍ଲ୍ଟି ପ୍ୟାକ୍‌ରେ ରୋହିତ ଏକାଦଶ ଦଳକୁ ତିରିଂ ଫୁଟବଲ ଟିମ୍ ୫-୪ ଗୋଲରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ପ୍ରଥମ ପୁରସ୍କାର ୪୦ ହଜାର ଓ ଟ୍ରଫି, ରନର୍ସଅପ୍ ଟିମ୍ ବାଦାମପାହାଡର ରୋହିତ ଏକାଦଶକୁ ୩୦ ହଜାର ଓ ଟ୍ରଫିର ହକଦାର ହୋଇଥିଲେ। ସେହିପରି ୩ୟ ସ୍ଥାନରେ ସୋରେନ ଷ୍ଟାର ୪ର୍ଥ ସ୍ଥାନ ଅଧିକାର କରିଥିଲେ ୟଙ୍ଗ୍ ଫାଷ୍ଟାଲ ଫୁଟବଲ ଦଳ ହୋଇଥିଲେ ଟୁର୍ଣ୍ଣାମେଣ୍ଟର ରେଫରୀ ଭାବେ କମଲ ଭାନୁ କିସ୍କୁ, ସିଦ ଚାନ୍ଦ ଟୁଡୁ, ଦୟାନିଧି ସୋଏ , ମନ୍ ସିଂ ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ।

# ମହିଳା ଦିନିକିଆ ବିଶ୍ୱକପ ଟ୍ରଫି ଉନ୍ମୋଚିତ

## ପ୍ରତିବନ୍ଧକ ଭାଙ୍ଗି ଆଗକୁ ଯିବାକୁ ଚାହୁଁଛୁ- ହର୍ମନପ୍ରୀତ



ନୂଆଦିଲ୍ଲୀ, ୧୧।୦୮: ଆଇସିସି ମହିଳା ଦିନିକିଆ ବିଶ୍ୱକପ ୨୦୨୫କୁ ଆଉ ୫୦ ଦିନ ବାକି ରହିଛି । ଶ୍ରୀଲଙ୍କା ଓ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ରହିବେ।ଏହାରି ଭିତରେ ଆଜି ମହିଳା ବିଶ୍ୱକପ୍ ଉନ୍ମୋଚିତ ହୋଇଛି ଏହି ଅବସରରେ ଆଇସିସି ଅଧ୍ୟକ୍ଷ ଜୟ ଶାହ, ବିସିଆଇ ଉପସଭାପତି ଦେବଜିତ ସାଇକିଆ, ପୂର୍ବତନ କ୍ରିକେଟର ଯୁବରାଜ ସିଂହ ଓ ମିଥାଲି ରାଜ୍, ଭାରତୀୟ କ୍ରିକେଟ ଦଳର ଅଧିନାୟକ ହର୍ମନପ୍ରୀତ କୌର, ସ୍ମୃତି ମାନ୍ଧନା ଓ ଜେମିମା ଉପସ୍ଥିତ ରହିଥିଲେ ଟ୍ରଫି ଉନ୍ମୋଚନ ଅବସରରେ କ୍ୟାପ୍ଟେନ ହର୍ମନପ୍ରୀତ କହିଛନ୍ତି ଦେଶର ଟ୍ରଫି ଜିତିବା ଆଶାରେ ପୂର୍ଣ୍ଣଚ୍ଛେଦ ପକାଇବୁ । ଆମକୁ ବିଶ୍ୱକପ୍ ଜିତିବାକୁ ପଡିବ- ଟ୍ରଫି ଲଞ୍ଚ କାର୍ଯ୍ୟକ୍ରମରେ ହର୍ମନପ୍ରୀତ କୌର କହିଛନ୍ତି ଯେ, ସେ ଏବଂ ତାଙ୍କ ଦଳ ଆଇସିସି ମହିଳା। ବିଶ୍ୱକପର ମରୁଡ଼ି ଶେଷ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦଳ କଠିନ ପରିଶ୍ରମ କରୁଛି ଆମେ ଟ୍ରଫି ଜିତିବା ପାଇଁ ଅପେକ୍ଷାର ଅନ୍ତ କରିବାକୁ ଚାହୁଁଛୁ। ବିଶ୍ୱକପ୍ ସବୁବେଳେ ସ୍ୱତନ୍ତ୍ର, ମୁଁ ସବୁବେଳେ ଦେଶ ପାଇଁ କିଛି ସ୍ୱତନ୍ତ୍ର କରିବାକୁ ଚାହେଁ। ଯେତେବେଳେ ମୁଁ ଯୁବରାଜ ଭାଇଙ୍କୁ ଦେଖେ, ମୋତେ ବହୁତ ପ୍ରେରଣା ମିଳେ।

## ଜାତୀୟ ଜୁନିୟର ମହିଳା ହକି: ଫାଇନାଲରେ ହରିୟାଣା-ଝାଡ଼ଖଣ୍ଡ

କାକିନାଡା, ୧୧।୮: ହକି ହରିୟାଣା ଓ ହକି ଝାଡ଼ଖଣ୍ଡ ଉଭୟେ ସମାନ ୩-୦ ଗୋଲ୍‌ରେ ବିଜୟ ହାସଲ କରି ଜାତୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଛତିଶଗଡ଼ ହକି ବିପକ୍ଷ ପ୍ରଥମ ସେମିଫାଇନାଲରେ ଅଧିନାୟକ ଶଶି କାଶା (୮ମ ମିନିଟ)ଏକ ଗୋଲ୍ ସ୍କୋର କରି ହରିୟାଣାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ ସୁପ୍ରିୟା (୪୫ତମ ଓ ୪୭ତମ) କ୍ରମାଗତ ଦୁଇଟି ଗୋଲ ସ୍କୋର କରି ସେମାନଙ୍କ ଦଳକୁ ୩-୦ ଗୋଲରେ ବିଜୟୀ କରାଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ସ୍ୱିଟି ଡୁଙ୍ଗ୍ ଡୁଙ୍ଗ୍ (୧୩ତମ), ରୀନା କୁଲୁ (୫୬ତମ) ଓ ଅଧିନାୟିକା ରଜନୀ କେରକେଟା (୫୯ତମ)ଙ୍କ ଗୋଲ ସହାୟତାରେ ଉତ୍ତର ପ୍ରଦେଶକୁ ୩-୦ରେ ହରାଇ ଦେଇଥିଲା ଝାଡ଼ଖଣ୍ଡ । ଫାଇନାଲ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଛତିଶଗଡ଼ ଓ ଉତ୍ତର ପ୍ରଦେଶ ତୃତୀୟ ସ୍ଥାନ ପାଇଁ ମୁକାବିଲା କରିବେ।

# ଆଜି ଫିଟନେସ ଟେଷ୍ଟ ଦେବେ ପାଣ୍ଡ୍ୟା

ନୂଆଦିଲ୍ଲୀ, ୧୧।୮ ଏସିଆ କପ୍ ଆରମ୍ଭ ହେବାକୁ ଆଉ ଗୋଟିଏ ମାସରୁ କମ୍ ସମୟ ବାକି ଅଛି। ବିସିସିଆଇ ମଧ୍ୟ ତା'ର ପ୍ରସ୍ତୁତିକୁ ଜୋରଦାର କରିଛି। କାରଣ ବୋର୍ଡ ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ଦଳ ପ୍ରକାଶ କରିବ ତେବେ ସୂର୍ଯ୍ୟକୁମାର ଯାଦବ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାଁନ୍ତି, ଯେତେବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିବେ ନା ନାହିଁ ଆଜି ତାଙ୍କର ଫିଟନେସ୍ ପରୀକ୍ଷା ଉପରେ ନିର୍ଭର କରିବ ପାଣ୍ଡ୍ୟା ଏବେ ବେଙ୍ଗାଲୁରୁରେ ପହଞ୍ଚିଛନ୍ତି ଟାଇମ୍ସ ଅଫ୍ ଇଣ୍ଡିଆ। ରିପୋର୍ଟ ଅନୁଯାୟୀ, ହାର୍ଦ୍ଦିକ ପାଣ୍ଡ୍ୟା ଆଜି( ଅଗଷ୍ଟ ୧୧) ଏବଂ ମଙ୍ଗଳବାର, ଅଗଷ୍ଟ ୧୨ ତାରିଖରେ ବେଙ୍ଗାଲୁରୁର ଏନସିଏରେ ଫିଟନେସ୍ ପରୀକ୍ଷା ଦେବେ ଅଲରାଉଣ୍ଡର ଷ୍ଟାର ପାଣ୍ଡ୍ୟା ଜୁଲାଇ ମଧ୍ୟଭାଗରୁ ମୁମ୍ବାଇରେ ତାଲିମ ନେଉଛନ୍ତି।



ପାଣ୍ଡ୍ୟା ୨୦୨୪ ଟି-୨୦ ବିଶ୍ୱକପ୍ ଏବଂ ଏହି ବର୍ଷ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫିରେ ଭାରତକୁ ଚାମ୍ପିଅନ୍ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେ ବଲ୍ ଏବଂ ବ୍ୟାଟ୍ ଉଭୟରେ ଚମତ୍କାର ପ୍ରଦର୍ଶନ କରିଥିଲେ

ଏସିଆ କପ୍ ଆରମ୍ଭ ହେବାକୁ ପ୍ରାୟ ଗୋଟିଏ ମାସ ବାକି ଅଛି, ଟୁର୍ଣ୍ଣାମେଣ୍ଟ ୯ ସେପ୍ଟେମ୍ବରରୁ ୟୁଏଇରେ ଆରମ୍ଭ ହେବ। ଭାରତର ପ୍ରଥମ ମ୍ୟାଚ୍ ୧୦ ସେପ୍ଟେମ୍ବରରେ ୟୁଏଇ ସହିତ ହେବାର କାର୍ଯ୍ୟକ୍ରମ ଅଛି।

ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାଁନ୍ତି, ତାଙ୍କୁ ସୁସ୍ଥ ହେବାକୁ ପ୍ରାୟ ୧ ସପ୍ତାହ ଲାଗିବ ଏବଂ ତାପରେ ସେ କେବେ ମ୍ୟାଚ୍ ପାଇଁ ଫିଟ୍ ହେବେ? ଏହାକୁ ମଧ୍ୟ ଦେଖିବାକୁ ପଡିବ। ଏହି ସମୟରେ, ଏକ ପ୍ରଶ୍ନ ହେଉଛି ଯେ ଯଦି ସୂର୍ଯ୍ୟ ଫିଟ୍ ନ ହେବେ, ତେବେ ଟିମ୍ ଇଣ୍ଡିଆର ଅଧିନାୟକ କିଏ ହେବେ? ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଏକ ଦୃଢ଼ ଦାବିଦାର ଏପରି ପରିସ୍ଥିତିରେ, ପାଣ୍ଡ୍ୟାଙ୍କ ଫିଟନେସ୍ ପରୀକ୍ଷା ବହୁତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି, ଯାହା ଆଜି ହେବ।

# ୨୦୨୬ ଆଇପିଏଲ୍ ନେଇ ସଂଶୟରେ ଧୋନୀ

ନୂଆଦିଲ୍ଲୀ, ୧୧।୮: ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ୨୦୨୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ବି ଆଇପିଏଲ ଖେଳୁଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ)ର ଅଧିନାୟକତ୍ୱ ଛାଡ଼ିବା ପରେ ଏବେ ସେ କ୍ରିକେଟର ଭାବେ ଟିମରେ ଖେଳିବା ଜାରି ରଖିଛନ୍ତି। ୨୦୨୫ରେ ସେ ସିଏସକେ ପାଇଁ ଖେଳିଥିବା ବେଳେ ୨୦୨୬ରେ ସେ ଦଳରେ ରହି ଆଇପିଏଲ ଖେଳିବେ ନା ନାହିଁ ସେ ନେଇ ସନ୍ଦେହ ଉପୁଜିଛି। ଗତ ସିଜନରେ ମଧ୍ୟ, ଅଧିନାୟକ ଋତୁରାଜ ଗାୟକାଡ ଆଘାତ ପାଇଁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବା ପରେ ସେ ପୁଣି ସିଏସକେର



ନେତୃତ୍ୱ ନେଇଥିଲେ। ଏବେ ତାଙ୍କୁ ୪୪ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ଭବିଷ୍ୟତ ଯୋଜନା ବିଷୟରେ ଜାଣିବାକୁ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି।ଧୋନି ଏପର୍ଯ୍ୟନ୍ତ ତାଙ୍କ ଆଇପିଏଲ ୨୦୨୬ରେ ଖେଳିବା ନେଇ ନିଷ୍ପତ୍ତି ନେଇନାହାଁନ୍ତି। ପ୍ରତ୍ୟେକ କାର୍ଯ୍ୟକ୍ରମରେ ସେ ଏନେଇ ପ୍ରତିକ୍ରିୟା ଦେଇ ପ୍ରଶଂସକଙ୍କ ମନରେ ଉତ୍ସାହ ବଢ଼ାଉଛନ୍ତି। କିଛି ଦିନ ତଳେ ଏକ କାର୍ଯ୍ୟକ୍ରମରେ, ଆଇପିଏଲ ୨୦୨୬ରେ ଖେଳିବା ବିଷୟରେ ପଚରାଯିବାରୁ, ସେ କହିଥିଲେ ଯେ, ତାଙ୍କ ପାଖରେ ନିଷ୍ପତ୍ତି ନେବା ପାଇଁ ପ୍ରଚୁର ସମୟ ଅଛି। କିନ୍ତୁ ସେ ସ୍ୱୀକାର କରିଥିଲେ ଯେ, ତାଙ୍କର ଆଣ୍ଠୁ ଯନ୍ତ୍ରଣା କ୍ରମଶଃ ଅସହ୍ୟ ହେବାରେ ଲାଗିଛି।

ଆଇପିଏଲ ୨୦୨୬ରେ ଖେଳିବା ନେଇ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ମୁଁ ଜାଣିନାହିଁ ମୁଁ ଖେଳିବି କି ନାହିଁ ମୋ ପାଖରେ ନିଷ୍ପତ୍ତି ନେବା ପାଇଁ ସମୟ ଅଛି ଡିସେମ୍ବର ପର୍ଯ୍ୟନ୍ତ ମୋ ପାଖରେ କିଛି ସମୟ ଅଛି। ତେଣୁ ମୁଁ ଆଉ କିଛି ମାସ ନେବି ଏବଂ ତା'ପରେ, ମୁଁ ମୋର ନିଷ୍ପତ୍ତି ନେବି ଧୋନିଙ୍କ ଏଭଳି ଉତ୍ତର ପରେ ଉପସ୍ଥିତ ଦର୍ଶକଙ୍କ ମଧ୍ୟରୁ ଜଣେ କହିଥିଲେ, ଆପଣଙ୍କୁ ଖେଳିବାକୁ ହେବ, ସାର୍ ଏହା ଶୁଣି ଧୋନି ହସି ହସି କହିଥିଲେ, ଆଣ୍ଠୁରେ ଯେଉଁ ଯନ୍ତ୍ରଣା ହେଉଛି, ତାର ଯତ୍ନ କିଏ ନେବ।

# କ୍ରିକେଟ ପଡ଼ିଆରେ ରିଙ୍କୁଙ୍କ ସହ ଭାବିପତ୍ନୀ ଏମ୍‌ପି

ନୂଆଦିଲ୍ଲୀ, ୧୧।୮: ଭାରତର ଷ୍ଟାର ବ୍ୟାଟସମ୍ୟାନ ରିଙ୍କୁ ସିଂହ ବର୍ତ୍ତମାନ ୟୁପି ଟି୨୦ ଲିଗ (ୟୁପି ଟି୨୦ ଲିଗ ୨୦୨୫) ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏହି ଟୁର୍ନାମେଣ୍ଟ ୧୭ ଅଗଷ୍ଟରୁ ଆରମ୍ଭ ହେବ ଏବଂ ଫାଇନାଲ ୬ ସେପ୍ଟେମ୍ବରରେ ଖେଳାଯିବ। ଏହି ଆଗାମୀ ଟୁର୍ନାମେଣ୍ଟରେ ରିଙ୍କୁ ମେରଠ ମାଭେରିକ୍ସ (ରିଙ୍କୁ ସିଂହ ୟୁପି ଟି୨୦ ଲିଗ ଟିମ) ପାଇଁ ଖେଳୁଥିବାର ଦେଖାଯିବ। ଏହି ସମୟରେ, ରିଙ୍କୁ ସିଂହ ତାଙ୍କର ବ୍ୟକ୍ତିଗତ ଜୀବନ ଯୋଗୁ ଚର୍ଚ୍ଚାରେ ଆସିଥିଲେ। ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ରିଙ୍କୁଙ୍କ ଭାବି ପତ୍ନୀ ପ୍ରିୟା ସରୋଜ ତାଙ୍କୁ ପଡ଼ିଆରେ ଭେଟିବାକୁ ଯାଇଥିଲେ ରିଙ୍କୁ ଏବଂ ପ୍ରିୟା ସରୋଜ ଚଳିତ ବର୍ଷ ଜୁନ ୮ ତାରିଖରେ ନିର୍ବନ୍ଧ କରିଥିଲେ।



ମିରଠ ମାଭେରିକ୍ସ ଦଳ ନୋଏଡାର ସହିଦ ବିଜୟ ସିଂହ ପଥିକ ସ୍ପୋଟର୍‌ସ କମ୍ପ୍ଲେକ୍ସରେ ରିଙ୍କୁ ସିଂହ ମଧ୍ୟ ଅଭ୍ୟାସ କରୁଥିଲେ ସେ ମଧ୍ୟା ପ୍ରିୟାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଦୁହେଁ କିଛି ସମୟ ପାଇଁ ହସିଲେ ଏବଂ ମଜା କଲେ, କିନ୍ତୁ କିଛି ସମୟ ପରେ ରିଙ୍କୁ ପୁଣି ତାଙ୍କ ଅଭ୍ୟାସରେ ବ୍ୟସ୍ତ ହୋଇଗଲେ ଏବଂ ପ୍ରିୟା ମଧ୍ୟ ଚାଲିଗଲେ। ଭାଇରାଲ ଭିଡିଓଟି ରିଙ୍କୁ ସିଂହଙ୍କ ସହିତ ପ୍ରଶଂସକଙ୍କ ହୃଦୟ ଜିତିଛି, କାରଣ ପ୍ରିୟା ସରୋଜ ଏକ ଅତି ସରଳ ଶୈଳୀରେ ଗ୍ରାଉଣ୍ଡରେ ପହଞ୍ଚିଥିଲେ। ସେ ଏକ ସୁଟ୍, ବେକରେ ସ୍କାର୍ଫ ଏବଂ ପାଦରେ ଫ୍ଲାଟ ସ୍ୟାଣ୍ଡଲ ପିନ୍ଧିଥିଲେ। ପ୍ରିୟା ସରୋଜ ଉତ୍ତର ପ୍ରଦେଶର ମଛଲିଶହରର ଏମ୍‌ପି ଅଛନ୍ତି।

# ଗାଁକୁ ଆସିଲା କୋହଲି, ଏବି ଡିଭିଲିୟର୍ସଙ୍କ ଫୋନ୍

ନୂଆଦିଲ୍ଲୀ, ୧୧।୮: ଛତିଶଗଡ଼ର ଗରିଆବନ୍ଦ ଅନ୍ତର୍ଗତ ଗୋଟିଏ ଛୋଟ ଗାଁ ହେଉଛି ମାଡଗାଓଁ। ଏଠାରେ ରୁହନ୍ତି ମନୀଶ ବିଶି। ହେଲେ ତାଙ୍କୁ ଫୋନ କରି କିମ୍ବଦନ୍ତୀ କ୍ରିକେଟର ବିରାଟ କୋହଲି, ଏବି ଡିଭିଲିୟର୍ସ ଓ ରଜତ ପାଟିଦାରଙ୍କ ଭଳି ଖେଳାଳି କଥା ହୋଇଛନ୍ତି। ଆପଣ ଭାବୁଥିବେ କୌଣସି ବିଜ୍ଞାପନ କିମ୍ବା ବ୍ରାଣ୍ଡ ପ୍ରମୋସନ ପାଇଁ ଏପରି ହୋଇଥିବ। କେହି କେହି ଏହାକୁ ଫିଲ୍ମର କାହାଣୀ ବୋଲି ମଧ୍ୟ କହିପାରନ୍ତି।କିନ୍ତୁ ବାସ୍ତବ ଜୀବନରେ ମନୀଶଙ୍କ ସହ ଏପରି ଘଟଣା ଘଟିଛି ବିରାଟ କୋହଲି ତାଙ୍କୁ ଫୋନ କରି କଥା ହୋଇଛନ୍ତି।

ନିକଟରେ ମନୀଶ ସ୍ଥାନୀୟ ମୋବାଇଲ ଫୋନ ଦୋକାନରୁ ଗୋଟିଏ ସିମ କାର୍ଡ କିଣିଥିଲେ। ଏହାପରେ ତାଙ୍କୁ ବିଭିନ୍ନ ସେଲେବ୍ରିଟି ଫୋନ କରିବା ଆରମ୍ଭ କରିଥିଲେ ଓ ତାଙ୍କ ଜୀବନରେ ଫିଲ୍ମର କାହାଣୀ ପରି ଗୋଟିଏ ପରେ ଗୋଟିଏ ଘଟଣା ଘଟିବା ଆରମ୍ଭ ହୋଇଥିଲା। ବାସ୍ତବରେ ମନୀଶ ବିଶି କିଣିଥିବା ସିମ କାର୍ଡକୁ ଏକଦା ରାଇଜିଂ କ୍ରିକେଟର ରଜତ ପାଟିଦାର ବ୍ୟବହାର କରୁଥିଲେ। ଉକ୍ତ ନମ୍ବରକୁ ବିଶି ବ୍ୟବହାର କରିବା ମାତ୍ରେ ତାଙ୍କ ପାଖକୁ ବିରାଟ କୋହଲି ଓ ଏବି ଡିଭିଲିୟର୍ସଙ୍କ ଭଳି କିମ୍ବଦନ୍ତୀଙ୍କ ଫୋନ ଆସିଥିଲା।

ପ୍ରଥମେ ମନୀଶ ଓ ତାଙ୍କ ବନ୍ଧୁ ଖେମରାଜ ନେଟୱର୍କ ସମସ୍ୟା ବା କ୍ରସ କନେକସନ ବୋଲି ଭାବିଥିଲେ। ହେଲେ ଉକ୍ତ ନମ୍ବରରେ ହ୍ୱାଟସଆପ ଇନଷ୍ଟଲ କରିବା ମାତ୍ରେ ଆରସିବିର ଅଧିନାୟକ ପାଟିଦାରଙ୍କ ପ୍ରୋଫାଇଲ ପିକଚର ଦେଖିଥିଲେ।ଏଥିସହ ତାଙ୍କୁ ଫୋନ କରିଥିବା ଲୋକ ସତରେ ବିରାଟ କୋହଲି ଓ ଡିଭିଲିୟର୍ସ ବୋଲି ସେମାନେ ଅନୁଭବ କରିଥିଲେ।

ଗଜେନ୍ଦ୍ର ବିଶି ନାମକ ଚାଷୀଙ୍କ ପୁଅ ହେଉଛନ୍ତି ମନୀଶ। ଜୁନ ୨୮ରେ ସେ ତାଙ୍କ ଗାଁ ଠାରୁ ୮ କିମି ଦୂର ଦେଓଭୋଗରେ ଥିବା ମୋବାଇଲ ଦୋକାନରୁ ସିମ କିଣିଥିଲେ। ଏହାପରେ ମନୀଶ ଓ ବନ୍ଧୁ ଖେମରାଜ ଏହାକୁ ମିଳିତ ଭାବେ ବ୍ୟବହାର କରିଥିଲେ। କିନ୍ତୁ



ସେମାନଙ୍କ ପାଖକୁ ବିରାଟ କୋହଲି, ଡିଭିଲିୟର୍ସ ଓ ୟାଶ ଦୟାଲଙ୍କ ଭଳି ଖେଳାଳିଙ୍କ ଫୋନ ଆସିବା ଆରମ୍ଭ ହୋଇଥିଲା। ଏତେ ବଡ଼ ବଡ଼ ସେଲେବ୍ରିଟିଙ୍କ ସହ ଉଭୟ ଫୋନରେ କଥା ହୋଇଥିଲେ ହେଁ ନିଜକୁ ବିଶ୍ୱାସ କରିପାରୁ ନଥିଲେ। ସେମାନେ ଏହାକୁ ପ୍ରାଙ୍କ କଲ ବୋଲି ଭାବୁଥିଲେ।

ତେବେ ଏହି ଘଟଣାରେ ଟ୍ୱିଷ୍ଟ ଜୁଲାଇ ୧୫ରେ ଆସିଥିଲା ନିଜେ ପାଟିଦାର ଉକ୍ତ ନମ୍ବରକୁ ଫୋନ କରିଥିଲେ। ସେ କହିଥିଲେ, ଭାଇ ଦୟା କରି ମୋ ସିମ ଫେରାଇ ଦିଅ। ତଥାପି ମନୀଶ ଓ ଖେମରାଜ ଏହାକୁ ବିଶ୍ୱାସ କରି ନଥିଲେ। କିନ୍ତୁ ପାଟିଦାରଙ୍କ ତତ୍ପରତା ଓ ପୁଲିସ୍ ପଠାଇବା କଥା ଶୁଣି ସେମାନେ ସାମାନ୍ୟ ବିଶ୍ୱାସ କରିବାକୁ ଲାଗିଥିଲେ।

ପାଟିଦାର କଲ କାଟିବା ପରେ ପୁଲିସ୍ ଟିମ ଆସିଥିଲା। ଏହାକୁ ଦେଖି ମନୀଶ ଓ ଖେମରାଜ ପୂର୍ବରୁ ଆସୁଥିବା କଲ ପ୍ରାଙ୍କ ନଥିଲା ବୋଲି ଅନୁଭବ କରିଥିଲେ। ଗରିଆବନ୍ଦ ଡେପୁଟି ଏସ୍‌ପି ନେହା ସିହ୍ନା କହିଛନ୍ତି ଯେ ୯୦ ଦିନ ଧରି ବନ୍ଦ ରହିବା ଯୋଗୁ ଟେଲିକମ ନୀତି ଅନୁସାରେ ଉକ୍ତ ସିମ ଡିଆକ୍ଟିଭେଟ ହୋଇ ଯାଇଥିଲା। ଏହାପରେ ନିୟମ ଅନୁସାରେ ଏହାକୁ ନୂଆ ଗ୍ରାହକଙ୍କୁ ଦିଆଯାଇ ଥାଏ।

ସମାନ ଘଟଣା ଏବେ ମନୀଶଙ୍କ ସହ ଘଟିଛି। ସିମ କିଣିବା ପରେ ରଜତ ପାଟିଦାରଙ୍କ ଯୋଗାଯୋଗରେ ଥିବା କ୍ରିକେଟରମାନେ ମନୀଶଙ୍କୁ ଫୋନ କରିଥିଲେ। ପାଟିଦାର ମଧ୍ୟପ୍ରଦେଶ ସାଇବର ସେଲକୁ ତାଙ୍କ ସିମ ଆଉ କାହାକୁ ଦିଆଯାଇଥିବା ଜଣାଇଥିଲେ। ଏହାକୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ମଧ୍ୟପ୍ରଦେଶ ସାଇବର ସେଲ ଏନେଇ ଗରିଆବନ୍ଦ ପୁଲିସ୍‌କୁ ଯୋଗାଯୋଗ କରିଥିଲେ। ପୁଲିସ୍ ଏନେଇ ମନୀଶ ଓ ତାଙ୍କ ପରିବାର ଲୋକଙ୍କ ସହ କଥା ହୋଇଥିଲା। ସେମାନଙ୍କ ସହମତିରେ ପାଟିଦାରଙ୍କୁ ସିମ ହସ୍ତାନ୍ତର କରାଯାଇଥିବା ନେହା ସିଂହ କହିଛନ୍ତି।

ଏବେ ସବୁ କିଛିର ସମାଧାନ ହୋଇ ସାରିଛି କିନ୍ତୁ ମନୀଶ, ଖେମରାଜ ଓ ସେମାନଙ୍କ ପରିବାର ପାଇଁ ଉକ୍ତ ଅଭିଜ୍ଞତା କୌଣସି ଫିଲ୍ମ ଠାରୁ କମ ନଥିଲା। ଖେମରାଜ ହେଉଛନ୍ତି ବିରାଟ କୋହଲିଙ୍କ ଜଣେ ବଡ଼ ପ୍ରଶଂସକ। ସେ କହିଛନ୍ତି, ବିରାଟ କୋହଲିଙ୍କ ସହ ଦିନେ କଥା ହେବି ବୋଲି ମୁଁ କେବେ ହେଲେ ଭାବି ନଥିଲି।

## ଜାତୀୟ କବାଡ଼ି କମାଲ କଲେ ସୁନାବେଡ଼ାର ଅପରାଜିତା

ସୁନାବେଡ଼ା / ଦାମନଯୋଡ଼ି, ୧୧।୮ (ମହାଭାରତ): କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାଳିକା ବିଭାଗ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭୁବନେଶ୍ୱର ସମ୍ଭାଗ ଟିମ୍‌ରେ ଥିବା ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅପରାଜିତା ରଥ ସଫଳତା ହାସଲ କରିଛନ୍ତି।

କର୍ନାଟକର ବେଙ୍ଗାଲୁରୁ ଡିଆରଡିଓ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ ସାରା ଭାରତରୁ ୨୪ ଟିମ୍ ଭାଗ ନେଇଥିଲେ। ଫାଇନାଲରେ ଚେନ୍ନାଇ ସମ୍ଭାଗ ସହ ଭୁବନେଶ୍ୱର ସମ୍ଭାଗ ମଧ୍ୟରେ କବାଡ଼ି ଖେଳ ହୋଇଥିଲା। ଏଥିରେ ଭୁବନେଶ୍ୱର ସମ୍ଭାଗ ରନରଅପ୍ ହୋଇଥିଲା ଅପରାଜିତାଙ୍କ ସଫଳତା ପାଇଁ ସ୍କୁଲ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ଶାହୀନ ଆଫ୍ରିଦିଙ୍କ ବିଶ୍ୱ ରେକର୍ଡ

ଗୁଏନା, ୧୧।୮: ପାକିସ୍ତାନ କ୍ରିକେଟ ଟିମର ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦି ଐତିହାସିକ ରେକର୍ଡର ଅଧିକାରୀ ହୋଇଛନ୍ତ। ଶୁକ୍ରବାର ତ୍ରିନାଦରେ ଖେଳା ଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ଶାହୀନ ବିଶ୍ୱରେକର୍ଡ କରିଛନ୍ତି। ପ୍ରଥମ ଦିନିକିଆରେ ଟସ ଜିତି ବୋଲିଂ କରିଥିବା ପାକିସ୍ତାନ ୨୮୦ ରନରେ ୱେଷ୍ଟଇଣ୍ଡିଜକୁ ଅଲଆଉଟ କରି ଦେଇଥିଲା। ଇଣ୍ଡିଜ ପକ୍ଷରୁ ଇଭିନ ଲୁଇସ, ରୋଷ୍ଟନ ଚେଜ ଓ ଅଧିନାୟକ ଶାଇ ହୋପ ଅର୍ଦ୍ଧଶତକ ହାସଲ କରିଥିଲେ।

୨୮୧ ରନର ପିଛା କରୁଥିବା ପାକିସ୍ତାନ ୪୮.୫ ଓଭରରେ ୫ ୱିକେଟ ହରାଇ ବିଜୟ ହାସଲ କରିଥିଲା। ପାକିସ୍ତାନର ଏହି ବିଜୟରେ ହାସନ ନାଜ ୫୪ ବଲରେ ଅପରାଜିତ ୬୩ ଓ ମହମ୍ମଦ ରିଜୱାନ ୫୩ ରନ କରି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ନାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଛି।

ହେଲେ ଏହାପୂର୍ବରୁ ବୋଲିଂରେ କମାଲ କରିଥିଲେ ଶାହୀନ ସେ ୪ ୱିକେଟ ଦଖଲ କରି ଇଣ୍ଡିଜ ଟିମର ରନ ସଂଗ୍ରହହାରରେ ବ୍ରେକ ଲଗାଇଥିଲେ। ଏହି ୪ ସଫଳତା ବଳରେ ଶାହୀନଙ୍କ ଦିନିକିଆ ୱିକେଟ ସଂଖ୍ୟା ୧୩୧ରେ ପହଞ୍ଚିଛି ସେ ୬୫ଟି ଦିନିକିଆରେ ଏପରି ସଫଳତା ହାସଲ



କରିଛନ୍ତି।୬୫ ମ୍ୟାଚରେ ୧୩୧ଟି ୱିକେଟ ଦଖଲ କରି ଶାହୀନ ବିଶ୍ୱ ରେକର୍ଡ କରିଛନ୍ତି। ୬୫ଟି ଦିନିକିଆ ପରେ ସର୍ବାଧିକ ୱିକେଟ ନେଇଥିବା ଖେଳାଳିଙ୍କ ତାଲିକାରେ ଶାହୀନ ଏବେ ଏକ ନମ୍ବରରେ ପହଞ୍ଚି ଯାଇଛନ୍ତି।ପୂର୍ବରୁ ଏହି ରେକର୍ଡ ଆଫଗାନିସ୍ତାନ ସ୍ପିନର ରାଶିଦ ଖାନଙ୍କ ନାଁରେ ଥିଲା ସେ ୬୫ଟି ଦିନିକିଆରେ ୧୨୮ଟି ୱିକେଟ ନେଇଥିଲେ। କିନ୍ତୁ ତାଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି ଶାହୀନ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ